ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK
ପର୍ଯ୍ୟବେକ୍ଷକ

Vol.26 . No.303 Bhubaneswar Friday January 19 2024 | ୨୬ତମ ବର୍ଷ ସଂଖ୍ୟା-୩୦୩ ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୧୯, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

## ଡଙ୍ଗା ଓଲଟି ୧୩ ଛାତ୍ରଛାତ୍ରୀ ଓ ୨ ଶିକ୍ଷକ ମୃତ, ୯ ନିଖୋଜ

ଭୁବନେଶ୍ୱର,୧୮।୧(ପି.ଏନ): ପିକ୍‌ନିକ୍ କରିବାକୁ ଯାଇଥିଲେ। ହ୍ରଦରେ ଡଙ୍ଗାରେ ବସି ମଜା ନେଉଥିଲେ। ହେଲେ ଘଟିଲା ଅଘଟଣ। ଓଲଟି ପଡିଲା ଡଙ୍ଗା। ଚାଲିଗଲା ୧୪ ଜୀବନ। ମୃତକଙ୍କ ମଧ୍ୟରେ ୧୩ ଜଣ ଛାତ୍ରଛାତ୍ରୀ ଥିବା ବେଳେ ୨ ଜଣ ଶିକ୍ଷକ ଅଛନ୍ତି। ଆହୁରି ୭ ଜଣ ନିଖୋଜ ଅଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ଶିକ୍ଷକ ଓ ୮ ଛାତ୍ରଛାତ୍ରୀ ଅଛନ୍ତି। ଏହି ଘଟଣା ଘଟିଛି ଗୁଜରାଟର ବଡଦରାର ହରଣି ହ୍ରଦରେ।ମୃତକମାନେ ନ୍ୟୁ ସନ୍‌ରାଇଜ୍ ନାମକ ଏକ ଘରୋଇ ସ୍କୁଲ୍‌ର ଛାତ୍ରଛାତ୍ରୀ ଓ ଶିକ୍ଷକ ଥିଲେ। ଆଜି ଅପରାହ୍ଣରେ ଏହି ଘଟଣା ଘଟିଥିଲା। ଦୁର୍ଘଟଣା ବେଳେ ଡଙ୍ଗାରେ ୩୪ ଜଣ ଥିଲେ। ୧୦ ଜଣ ଛାତ୍ରଛାତ୍ରୀଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଅନ୍ୟମାନେ ନିଖୋଜ ଅଛନ୍ତି। ନିଖୋଜ ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କୁ ଉଦ୍ଧାର କରିବାକୁ ଏନ୍‌ଡିଆର୍‌ଏଫ୍ ଓ ଦମକଳ ବାହିନୀ ନିୟୋଜିତ ହୋଇଛନ୍ତି। ପ୍ରଧାନମନ୍ତ୍ରୀ



ନରେନ୍ଦ୍ର ମୋଦି ଏହି ଘଟଣାରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ପ୍ରତ୍ୟେକ ମୃତକଙ୍କ ପରିବାର ଲୋକଙ୍କୁ ୨ ଲକ୍ଷ ଟଙ୍କା ଲେଖାଏଁ ଦେବାକୁ ସେ ଘୋଷଣା କରିଛନ୍ତି। ସେହିପରି ଆହତ ହୋଇଥିବା ଛାତ୍ରଛାତ୍ରୀଙ୍କ ପରିବାରଗୁଡିକୁ ୫୦ ହଜାର ଟଙ୍କା ଲେଖାଏଁ ଦେବାକୁ ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

## ରାଜ୍ୟ ସରକାରଙ୍କ 'ନୂଆ ଓଡିଶା, ନବୀନ ଓଡିଶା' କାର୍ଯ୍ୟକ୍ରମକୁ ଛାତ୍ର କଂଗ୍ରେସର ବିରୋଧ

ଭୁବନେଶ୍ୱର୧୮।୧(ପି.ଏନ): କଲେଜ କ୍ୟାମ୍ପସରେ ରାଜ୍ୟ ସରକାରଙ୍କ 'ନୂଆ ଓଡିଶା, ନବୀନ ଓଡିଶା' କାର୍ଯ୍ୟକ୍ରମକୁ ବିରୋଧ କରିଛି ଛାତ୍ର କଂଗ୍ରେସ । ମହର୍ଷି କଲେଜ କ୍ୟାମ୍ପସରେ ଲାଗିଥିବା ମୁଖ୍ୟମନ୍ତ୍ରୀଙ୍କ ପୋଷ୍ଟର ଉପରେ ମହାପୁରୁଷ, ସ୍ୱାଧିନତା ସଂଗ୍ରାମୀଙ୍କ ଫଟୋ ଲଗାଇଲା ଛାତ୍ର କଂଗ୍ରେସ । ଆଗକୁ ନିର୍ବାଚନ ଆସୁଥିବାରୁ ଏଭଳି କାର୍ଯ୍ୟକ୍ରମ ଜରିଆରେ କଲେଜ କ୍ୟାମ୍ପସରେ ବିଜେଡି ଦଳୀୟ ପ୍ରଚାର କରୁଥିବା ଅଭିଯୋଗ କରିଛି ଛାତ୍ର କଂଗ୍ରେସ । ସେଥିଲାଗି ଏହାକୁ ବିରୋଧ କରି ରାଜ୍ୟର ସବୁ କଲେଜରେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ନେତାଙ୍କ ମୁହଁ ଉପରେ ମହାପୁରୁଷ ଓ ସ୍ୱାଧିନତା ସଂଗ୍ରାମୀଙ୍କ ଫଟୋ ଲଗାଇବ ବୋଲି କହିଛି ଛାତ୍ର କଂଗ୍ରେସ ।

## କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ୨୧ରେ ସମ୍ବଲପୁର ପୁସ୍ତକମେଳା ଉଦ୍‌ଘାଟନ

ସମ୍ବଲପୁର, ୧୮।୧(ପି.ଏ): ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ (ଶିକ୍ଷା ମନ୍ତ୍ରଣାଳୟ, ଭାରତ ସରକାର) ଆନୁକୂଲ୍ୟରେ ଓ 'ସେତୁ' ସହଯୋଗରେ ସମ୍ବଲପୁରର ଅଇଁଠାପାଲିସ୍ଥିତ ବିର୍ସାମୁଣ୍ଡା ମୈଦାନ (ପିଏଚ୍‌ଡି ପଡ଼ିଆ)ଠାରେ ଆସନ୍ତା ୨୧ ରୁ ୨୯ ତାରିଖ ପର୍ଯ୍ୟନ୍ତ ସମ୍ବଲପୁର ପୁସ୍ତକମେଳା ଆୟୋଜିତ ହେଉଛି ।ଏହି ପୁସ୍ତକମେଳାକୁ ୨୧ ତାରିଖରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦଘାଟନ କରିବେ। 'ସମସ୍ତଙ୍କ ପାଇଁ ବହି' ଏହି ପୁସ୍ତକମେଳାର ମୁଖ୍ୟ ପ୍ରସଙ୍ଗ। ଏହି ମେଳାରେ ଏନବିଟି ଇଣ୍ଡିଆ, ସାହିତ୍ୟ ଅକାଦମୀ, ପବ୍ଲିକେଶନ ଡିଭିଜନ, କେମ୍ବ୍ରିଜ ବୁକ୍ସ, ଗୀତା ପ୍ରକାଶନୀ, ବୁକ୍ ?ମେଟ ପବ୍ଲିଶିଂ ସମେତ ୧୦୦ରୁ ଉର୍ଦ୍ଧ୍ୱ ରାଜ୍ୟ ଓ ରାଜ୍ୟ ବାହାରର ବିଶିଷ୍ଟ ପ୍ରକାଶକ ଓ ପୁସ୍ତକ ବିକ୍ରେତା ଅଂଶଗ୍ରହଣ କରୁଛନ୍ତି। ପୁସ୍ତକମେଳାରେ ପ୍ରବେଶ ନିଃଶୁଳ୍କ ଅଟେ। ଏହି ଉପଲକ୍ଷେ ଆୟୋଜିତ ସାରସ୍ୱତ କାର୍ଯ୍ୟକ୍ରମରେ ଓଡ଼ିଶାର ବହୁ ବିଶିଷ୍ଟ ଲେଖକଙ୍କୁ ଭେଟିବାର ସୁଯୋଗ ମିଳିବ। ପିଲାମାନଙ୍କ ପାଇଁ ପଟ୍ଟଚିତ୍ର ଅଙ୍କନ ଅଧିବେଶନ, ଇକ୍କତ କଳା କର୍ମଶାଳା ଆଦି କାର୍ଯ୍ୟକ୍ରମ ସହ ପ୍ରତି ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେଉଥିବା ନ୍ୟାସନାଲ ବୁକ୍ ? ଟ୍ରଷ୍ଟ, ଇଣ୍ଡିଆ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପ୍ରେସ ବିଜ୍ଞପ୍ତି ଜରିଆରେ ଜଣାଇଛନ୍ତି।

## କନିଷ୍ଠ ଶିକ୍ଷକ ନିଯୁକ୍ତିରେ ଘୋଟାଲା, ତାତିଲେ ଆଶାୟୀ

ଭୁବନେଶ୍ୱର,୧୮।୧(ପି.ଏନ): ପରୀକ୍ଷାର୍ଥୀଙ୍କ ନାଁ ମାହାଲ ମାଣ୍ଡା। ତାଙ୍କ ବାପାଙ୍କ ନାଁ ମାହାଲ ମାଣ୍ଡା ପ୍ରୋ। ଓଡିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ଇ-ଆଡମିଟ୍ କାର୍ଡରେ ଏଭଳି ଅଜବ ନାଁକୁ ନେଇ ଖପ୍ପା ଓଡ଼ିଶା ଜୁନିଅର ଟିଚ୍ର ଆଶାୟୀ। କେବଳ ଏତିକି ନୁହେଁ, ଗୋଟିଏ ଆଡମିଟ୍ କାର୍ଡରେ ପରୀକ୍ଷାର୍ଥୀଙ୍କ ଫଟୋ ବଦଳରେ ପକ୍ଷୀର ଚିତ୍ର ଲାଗିଥିବା ଦେଖିବାକୁ ମିଳିଛି। ଓଡ଼ିଶା ଜୁନିଅର ଟିଚ୍‌ର(ସିବିଟି) ପରୀକ୍ଷା ମେରିଟ୍ ଲିଷ୍ଟ ପ୍ରକାଶ ପରେ ଦେଖାଦେଇଛି ତୀବ୍ର ଅସନ୍ତୋଷ। କନିଷ୍ଠ ଶିକ୍ଷକ ନିଯୁକ୍ତିରେ ବ୍ୟାପକ ଅନିୟମିତତା ଅଭିଯୋଗ ଆଣିଛନ୍ତି ଆଶାୟୀ। ବହୁ ସଂଖ୍ୟାରେ ଅଶାୟୀ ଭୁବନେଶ୍ୱର ଓସେପା କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ମେରିଟ୍ ଲିଷ୍ଟ ପ୍ରକାଶ ପୂର୍ବରୁ କଟ୍ ଅଫ୍ ତାଲିକା ପ୍ରକାଶ କରାଯାଇନଥିବା ସେମାନେ ଅଭିଯୋଗ କରିଛନ୍ତି। ତା'ସହ ଚୂଡାନ୍ତ ଉତ୍ତର ଖାତା ନମିଳିବା, ଅଧିକ ନମ୍ବର ରଖିଥିବା ଅନେକ ପିଲା ମେରିଟ୍ ଲିଷ୍ଟରେ ନଥିବା ଅଭିଯୋଗ କରି ଅସନ୍ତୋଷ ଝାଡିଛନ୍ତି ଆଶାୟୀ। ଆଜି ବହୁ ସଂଖ୍ୟାରେ ଅଶାୟୀ କଟଅଫ ଜାଣିବାକୁ RTଓ ଆବେଦନ କରିବାକୁ ଆସିଛନ୍ତି।

## କେନ୍ଦ୍ର ଜାରି କଲା ନୂଆ ନିୟମ: ୧୬ ବର୍ଷରୁ କମ୍ ବୟସର ପିଲାଙ୍କୁ କୋଚିଂ ସେଣ୍ଟର ମନା

ଭୁବନେଶ୍ୱର,୧୮।୧(ପି.ଏନ): ବିଦ୍ୟାର୍ଥୀ ଆତ୍ମହତ୍ୟା, ଅକୁଳାଣ ସୁବିଧା, ପାଠପଢ଼ା ସମସ୍ୟା ଓ ବ୍ୟୟବହୁଳ ଫି ଆଦିକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର କୋଚିଂ ସେଣ୍ଟରଗୁଡିକ ପାଇଁ ନିର୍ଦ୍ଦେଶାବଳି ଧାର୍ଯ୍ୟ କରିଛନ୍ତି। ଏହି ନିର୍ଦ୍ଦେଶାବଳି କୋଚିଂ ସେଣ୍ଟଗୁଡିକୁ ନିୟନ୍ତ୍ରଣ କରିବାକୁ ଉଦ୍ଦିଷ୍ଟ। ନିର୍ଦ୍ଦେଶାବଳି ଅନୁସାରେ କୌଣସି କୋଚିଂ ସେଣ୍ଟରରେ ୧୬ ବର୍ଷରୁ କମ୍ ବୟସର ପିଲାମାନେ ନାମ ଲେଖାଇପାରିବେ ନାହିଁ। କେବଳ ମାଧ୍ୟମିକ ସ୍କୁଲଶିକ୍ଷା ସମାପ୍ତ କରିଥିବା ପିଲାମାନଙ୍କୁ କୋଚିଂ ସେଣ୍ଟରରେ ଭର୍ତ୍ତି କରାଯାଇପାରିବ। ସେହିପରି କୌଣସି କୋଚିଂ ସେଣ୍ଟର ସ୍ନାତକ ଡିଗ୍ରୀରୁ କମ୍ ଶିକ୍ଷାପ୍ରାପ୍ତ କାହାକୁ ଶିକ୍ଷକ ଭାବେ ନିଯୁକ୍ତ କରିପାରିବେ ନାହିଁ। କୋଚିଂ ସେଣ୍ଟରରେ ଭର୍ତ୍ତି ହେବା ପାଇଁ ଜାରି ହୋଇଥିବା ନୂଆ ନିର୍ଦ୍ଦେଶାବଳି ଅନୁସାରେ:

କୌଣସି କୋଚିଂ ସେଣ୍ଟରରେ ସ୍ନାତକ ବା ଗ୍ରାଜୁଏସନ୍‌ରୁ କମ୍ ? ଶିକ୍ଷାଗତ ଯୋଗ୍ୟତା ଥିବା କୌଣସି ବ୍ୟକ୍ତି ଶିକ୍ଷକ ହୋଇପାରିବେ ନାହିଁ। କୋଚିଂ ସେଣ୍ଟରରେ ପଞ୍ଜିକରଣ ପାଇଁ ଅଭିଭାବକ ଓ ବିଦ୍ୟାର୍ଥୀମାନଙ୍କୁ ଭଲ ରାଙ୍କ୍ ? ବା ଭଲ ମାର୍କର ବିଭ୍ରାନ୍ତିକର ପ୍ରତିଶ୍ରୁତି ଦିଆଯାଇପାରିବ ନାହିଁ। ୧୬ ବର୍ଷରୁ କମ୍ ବୟସର ପିଲାଙ୍କୁ ପଞ୍ଜିକରଣ କରାଯିବ ନାହିଁ। କେବଳ ମାଧ୍ୟମିକ ସ୍କୁଲ ଶିକ୍ଷା ଶେଷ କରିଥିବା ପିଲା ଭର୍ତ୍ତି ହୋଇପାରିବ। କୌଣସି କୋଚିଂ ସେଣ୍ଟର କୋଚିଂର ମାନ, ଦିଆଯାଉଥିବା ସୁବିଧା, ଫଳାଫଳ ନେଇ କୌଣସି ବିଭ୍ରାନ୍ତିକର ବିଜ୍ଞାପନ ପ୍ରକାଶ କରିପାରିବେ ନାହିଁ। ପ୍ରତି



ବିଦ୍ୟାର୍ଥୀଙ୍କ ପିଛା ଯଦି କମ୍ ସ୍ଥାନ ଥିବ ତେବେ କୋଚିଂ ସେଣ୍ଟରଗୁଡିକ ପଞ୍ଜୀକୃତ ହୋଇପାରିବେ ନାହିଁ। କେନ୍ଦ୍ର ସରକାର ଜାରି କରିଥିବା ଏହି ନିର୍ଦ୍ଦେଶାବଳିର ଉଦ୍ଦେଶ୍ୟ ହେଲା: କୋଚିଂ ସେଣ୍ଟରଗୁଡିକର ପଞ୍ଜିକରଣ ଓ ନିୟନ୍ତ୍ରଣ ପାଇଁ ଏକ ନିର୍ଦ୍ଦିଷ୍ଟ ଢାଞ୍ଚା ସୃଷ୍ଟି କରିବା। କୋଚିଂ ସେଣ୍ଟରଗୁଡିକର ପରିଚାଳନା ପାଇଁ ଆବଶ୍ୟକ ସର୍ବନିମ୍ନ ମାନ ସ୍ଥିର କରିବା। କୋଚିଂ ସେଣ୍ଟରରେ ପଞ୍ଜିକୃତ ବିଦ୍ୟାର୍ଥୀମାନଙ୍କର ସ୍ୱାର୍ଥର ସୁରକ୍ଷା କରିବା। ବିଦ୍ୟାର୍ଥୀମାନଙ୍କର ସାମଗ୍ରିକ ବିକାଶ ପାଇଁ କୋଚିଂ ସେଣ୍ଟରଗୁଡିକ କ୍ରୀଡା ଓ ମନୋରଞ୍ଜନ ଭଳି ଅନ୍ୟାନ୍ୟ ସୁବିଧା ଦେବା। ବିଦ୍ୟାର୍ଥୀମାନଙ୍କର ମାନସିକ ସୁସ୍ଥତା ପାଇଁ କ୍ୟାରିଅର୍ ମାର୍ଗଦର୍ଶନ ସହିତ ମନସ୍ତାତ୍ତ୍ୱିକ ପରାମର୍ଶ ଦେବା। ନିର୍ଦ୍ଦେଶାବଳି ଅନୁସାରେ ଏଣିକି କୋଚିଂ ସେଣ୍ଟରଗୁଡିକ ପଞ୍ଜିକରଣ ଓ ପଞ୍ଜିକରଣ ନବୀକରଣ ପାଇଁ ଆବେଦନ କରିବେ, ନିର୍ଦ୍ଦିଷ୍ଟ ସର୍ତ୍ତ ପୂରଣ କରିବେ, ଉପଯୁକ୍ତ ଶିକ୍ଷାଗତ ଯୋଗ୍ୟତା ଥିବା ଟ୍ୟୁଟର ନିଯୁକ୍ତ କରିବେ, ବିଭ୍ରାନ୍ତିକର ବିଜ୍ଞାପନ ପ୍ରକାଶ କରିବେ ନାହିଁ, ବିଭ୍ରାନ୍ତିକର ପ୍ରତିଶ୍ରୁତି ଦେବେ ନାହିଁ, ୧୬ ବର୍ଷରୁ କମ୍ ବୟସର ପିଲାଙ୍କ ନାମ ଲେଖାଇବେ ନାହିଁ ଏବଂ ଉପଯୁକ୍ତ ପରାମର୍ଶ ସେବା ବ୍ୟବସ୍ଥା କରିବେ। ସେହିପରି କୋଚିଂ ସେଣ୍ଟରଗୁଡିକ ଯଥାର୍ଥ ଓ ନ୍ୟାୟସଙ୍ଗତ ଫି ଆଦାୟ କରିବେ, ସ୍ୱଚ୍ଛତାର ସହିତ ଫି ରିସିଦ ପ୍ରଦାନ କରିବେ, ପାଠ୍ୟକ୍ରମ ଓ ଅନ୍ୟାନ୍ୟ ସୁବିଧାର ପୂର୍ଣ୍ଣ ବିବରଣୀ ବା ପ୍ରସ୍‌ପେକ୍ଟସ୍ ପ୍ରଦାନ କରିବେ। ଯେଉଁ ପିଲାମାନେ ଅଧାରୁ କୋଚିଂ ସେଣ୍ଟର ଛାଡିବାକୁ ଚାହିଁବେ ସେମାନଙ୍କ ପାଇଁ ଫି ଫେରସ୍ତ ନେଇ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ରହିବ। କୋଚିଂ ସେଣ୍ଟରରେ ପ୍ରତି ବିଦ୍ୟାର୍ଥୀ ପାଇଁ ସର୍ବନିମ୍ନ ସ୍ଥାନ ରହିବ, ପିଲାଙ୍କ ସୁରକ୍ଷା ଓ ନିରାପତ୍ତା ପାଇଁ ଉପଯୁକ୍ତ ବ୍ୟବସ୍ଥା ରହିବ, ଫାଷ୍ଟ ଏଡ୍ ଓ ଡାକ୍ତରୀ ସୁବିଧା ରହିବ, ବିଦ୍ୟୁତ, ଶୁଦ୍ଧ ପାନୀୟ ଜଳ, ପରିଷ୍କାର ପରିଚ୍ଛନ୍ନତା, ଆଲୋକ ଓ ମୁକ୍ତ ବାୟୁ ଚଳପ୍ରଚଳ ସୁବିଧା ଆଦି ରହିବ। ନୂଆ ନିର୍ଦ୍ଦେଶାବଳି ଅନୁସାରେ କୌଣସି କୋଚିଂ ସେଣ୍ଟରର କ୍ଲାସ୍ ସମୟ ସ୍କୁଲ ବା କଲେଜ୍‌ର ନିୟମିତ କ୍ଲାସ୍ ସମୟ ବାହାରେ ହେବ। ନିର୍ଦ୍ଦିଷ୍ଟ ସମୟରେ କ୍ଲାସ୍ ସରିବ। ପ୍ରତି ଦିନ କ୍ଲାସ୍ ସମୟ ଧାର୍ଯ୍ୟ ହେବ, ପ୍ରତି କ୍ଲାସ୍ ମଧ୍ୟରେ ସମୟାନ୍ତର ରହିବ, ସପୋର୍ଟ କ୍ଲାସ୍ ସୁବିଧା ରହିବ, ପ୍ରତି ସପ୍ତାହରେ ଛୁଟି ଦିଆଯିବ। ପାଠ୍ୟକ୍ରମ ସହିତ କୋ-କରିକୁଲାର କାର୍ଯ୍ୟକ୍ରମ ବା କ୍ରୀଡା ଓ ମନୋରଂଜନ ଆଦି ସୁବିଧା ରହିବ। ଜୀବନ ଦକ୍ଷତା ଓ ଅନ୍ୟାନ୍ୟ ବିଷୟରେ ପରାମର୍ଶ ଦିଆଯିବ। ଏଣିକି କର୍ତ୍ତୃପକ୍ଷ ଯଦି ହୃଦବୋଧ କରିବେ ଯେ କୌଣସି କୌଣସି କୋଚିଂ ସେଣ୍ଟର ସର୍ତ୍ତ ଓ ନିୟମାବଳି ଉଲ୍ଲଙ୍ଘନ କରିଛନ୍ତି ତେବେ ତାହାର ପଞ୍ଜୀକରଣ ରଦ୍ଦ କରିପାରିବେ। ତେବେ ସେପରି କରିବା ପୂର୍ବରୁ କୋଚିଂ ସେଣ୍ଟରକୁ ନଜ ପକ୍ଷ ରଖିବାକୁ ସୁଯୋଗ ଦେବେ। ସରକାର ଜାତୀୟ ଶିକ୍ଷା ନୀତି ୨୦୨୦ ଅନୁସାରେ ଏହି ନିର୍ଦ୍ଦେଶାବଳି ଜାରି କରିଛନ୍ତି। ସରକାର ଏହି ନୀତି ଅନୁସାରେ ନିଟ୍, ଜେଇଇ ଓ ଏନଟିଏ ପାଇଁ ଜାତୀୟ ଟେଷ୍ଟ ଅଭ୍ୟାସ ଆପ୍ ପ୍ରଚଳନ କରିଛନ୍ତି। ବିଦ୍ୟାର୍ଥୀମାନେ ଏଥିରେ ବିନା ଶୁଳ୍କରେ ମକ୍ ପରୀକ୍ଷା ଦେଇପାରିବେ।

## ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ନିଯୁକ୍ତି ନାଁରେ ବଡ଼ ଠକେଇ; ଗିରଫ ହେଲେ ମାଷ୍ଟରମାଇଣ୍ଡ ଶିକ୍ଷକ

ବଲାଙ୍ଗିର,୧୮।୧(ପି.ଏନ): ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ନିଯୁକ୍ତି ନାଁରେ ବଡ଼ ଠକେଇ ହୋଇଛି । ଗିରଫ ହେଲେ ମାଷ୍ଟରମାଇଣ୍ଡ ରାୟଗଡ଼ାର ପ୍ରାଥମିକ ଶିକ୍ଷକ ବୃନ୍ଦାବନ ମିନାକା । ବୃନ୍ଦାବନ ମିନାକାଙ୍କଠାରୁ ଦେଢ଼ ଲକ୍ଷ ଟଙ୍କା ଓ ମୋବାଇଲ ଜବତ କରିଛି ପୋଲିସ ।ନିଯୁକ୍ତି ପୂର୍ବରୁ ୫, ପରେ ସାଢେ ୮ ସହ ମୋଟ ୧୩.୫ ଲକ୍ଷ ନେଇଛନ୍ତି ବୃନ୍ଦାବନ ମିନାକା । ଉକ୍ତ ପ୍ରଥମିକ ଶିକ୍ଷକ ବୃନ୍ଦାବନ ମିନାକାଙ୍କୁ ଗିରଫ କରି ରାକେଟ୍ ପଛରେ ଥିବା ଲୋକଙ୍କୁ ଖୋଜୁଛି ପୋଲିସ ।

## ଆହୁରି ସହଜ ହେବ ଜଗା ଦର୍ଶନ, ପୁରୀକୁ ଶ୍ରୀଜଗନ୍ନାଥ ଏକ୍ସପ୍ରେସ ବସ୍ ସେବା ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୮।୧(ପି.ଏନ): ଆଜି ରାଜ୍ୟରେ ଆରମ୍ଭ ହେଲା ଶ୍ରୀଜଗନ୍ନାଥ ଏକ୍ସପ୍ରେସ ବସ । ଏହାକୁ ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଏହି ବସ୍ ଗୁଡିକ ଜିଲ୍ଲା ସଦରମହକୁମା ରୁ ଭୁବନେଶ୍ୱର ଦେଇ ଶ୍ରୀକ୍ଷେତ୍ର ପୁରୀକୁ ଚାଲିବ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମା' ମାନଙ୍କ ପାଇଁ ଶ୍ରୀଜଗନ୍ନାଥ ଏକ୍ସପ୍ରେସ ବସ୍‌ରେ ଟିକେଟର ମୂଲ୍ୟ ମାତ୍ର ୫୦ ପ୍ରତିଶତ ରହିବ । ଯାହାର ଟିକେଟ ଦାମ୍ ମାତ୍ର ୫ ଟଙ୍କା ରହିଛି । ଏହା ମା' ମାନଙ୍କ ପାଇଁ ବହୁ ସୁବିଧା ଆଣିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।୫-T ଉପକ୍ରମରେ ଆରମ୍ଭ ହୋଇଥିବା ଲକ୍ଷ୍ମୀ ବସ୍‌ସେବା ଯୋଜନା ଅଧିନରେ ଏହି ବସ୍ ? ସେବା ଆରମ୍ଭ ହୋଇଛି । ରାଜ୍ୟର ୩୦ଟି ଜିଲ୍ଲାରୁ ୮୦ଟି ସୁପର ପ୍ରିମିୟମ ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ? ବସ୍ ? ଏହି ଯୋଜନାରେ ଚଳାଚଳ କରିବ । ଆଜି ପ୍ରଥମ ପର୍ଯ୍ୟାୟରେ ୧୨ ଜିଲ୍ଲାରୁ ଏହି ସେବା ଆରମ୍ଭ ହୋଇଛି ।

## ଶିକ୍ଷା ବ୍ୟବସ୍ଥାକୁ ଘରୋଇକରଣ କରି ଛାତ୍ରଛାତ୍ରୀଙ୍କୁ ଶୋଷଣ କରୁଛି ବିଜେଡି ସରକାର: ବିଜେପି

ଭୁବନେଶ୍ୱର,୧୮।୧(ପି.ଏନ): ସରକାରୀ ବୈଷୟିକ ମହାବିଦ୍ୟାଳୟକୁ ଘରୋଇକରଣ କରିବା ପ୍ରସଙ୍ଗ ରେ ଆଜି ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛି ବିଜେପି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେପି ମୁଖ୍ୟ ସଚେତକ ମୋହନ ମାଝୀ କହିଛନ୍ତି ଯେ, ସରକାରୀ ବୈଷୟିକ ମହାବିଦ୍ୟାମଳୟକୁ ଘରୋଇକରଣ କରିବା ପାଇଁ ରାଜ୍ୟ ସରକାର ଚକ୍ରାନ୍ତ କରିଛନ୍ତି । ୨୪ ବର୍ଷର ବିଜେଡି ସରକାର ବିଭିନ୍ନ ସମୟରେ ୫-ଟି ନାଁକୁ ନେଇ ସ୍କୁଲ 'ରୂପାନ୍ତରିକରଣ ଓ ପ୍ରତିଷ୍ଠା' ନାଁରେ ଡିଣ୍ଡିମ ପିଟୁଛନ୍ତି । କିନ୍ତୁ ବାସ୍ତବରେ ସଂପୂର୍ଣ୍ଣ ଭିନ୍ନ ।ସେ ଆହୁରୀ କହିଛନ୍ତି, ବୈଷୟିକ ଶିକ୍ଷା ବ୍ୟବସ୍ଥାରେ ରାଜ୍ୟ ସରକାର ବହୁ ଚ଼ଞ୍ଚକତା କରି ଶିକ୍ଷାନୁଷ୍ଠାନ ଗୁଡିକୁ ଘରୋଇକରଣ କରାଯିବା ଓ ରୁପାନ୍ତରଣ ନାଁରେ ଦକ୍ଷିଣ ଭାରତର ଠିକାଦାର ତଥା ବାହାର ରାଜ୍ୟର ଠିକାଦାରଙ୍କ ଜରିଆରେ ଶହ ଶହ କୋଟି ଟଙ୍କାର କାମ କରାଇ ମୁନାଫା କରୁଛି ଦୁର୍ନୀତି, ଭ୍ରଷ୍ଟାଚାର ଓ ଅନିୟମିତତାରେ ଲିପ୍ତ ଶାସକ ବିଜେଡି ଦଳର ନେତା ଓ ମନ୍ତ୍ରୀମାନେ ଏବଂ ଅସାଧୁ ସରକାରୀ ଅଫିସର ମାନେ । ରାଜ୍ୟରେ ବିଜେଡି ସରକାର ୫-ଟି ମାଧ୍ୟମରେ ପ୍ରତ୍ୟେକ ପ୍ରତିଷ୍ଠାନ ଓ




ଶିକ୍ଷାନୁଷ୍ଠାନକୁ ବିଶ୍ୱସ୍ତରୀୟ ପାଇଁ ଯୋଜନା କରିବା ସହ ବିଜ୍ଞାପନ ମାଧ୍ୟମରେ ପ୍ରଚାର ପ୍ରସାର କରୁଛନ୍ତି । ଏପଟେ ରାଜ୍ୟର ୩ଟି ବୈଷୟିକ ସରକାରୀ କଲେଜ ଯଥା- ଜିସିଇ କେନ୍ଦୁଝର, ସିଆଇଟିଇ ଭୁବନେଶ୍ୱର, ଢେଙ୍କାନାଳ ସ୍ଥିତ ଆଇଜିଆଇଟି ସରାଙ୍ଗର ପଲିଟେକ୍ ?ନିକ୍ ବିଭାଗକୁ ଘରୋଇକରଣ କରିବା ପାଇଁ ରାଜ୍ୟ ସରକାର ଚକ୍ରାନ୍ତ କରିଛନ୍ତି ବୋଲି ଶ୍ରୀ ମାଝୀ କହିଛନ୍ତି । କେନ୍ଦୁଝର ଖଣିଖାଦାନର ଜିଲ୍ଲା । ଓଡିଶାର ରାଜସ୍ୱ ୩୦ପ୍ରତିଶତ କେନ୍ଦୁଝରରୁ ଆସୁଥିଲେ ସୁଧା ଏଠାରେ ଶିକ୍ଷାର ବିକାଶ ଆଶାନୁରୂପେ ହୋଇନାହିଁ । କେନ୍ଦୁଝର ଖଣି ଅଚଂଳ ହୋଇଥିବାରୁ ବୈଷୟିକ ଜ୍ଞାନର ବିକାଶ ପାଇଁ ୧୯୫୬ରେ ପ୍ରଥମେ ଭାରତବର୍ଷର ଏକମାତ୍ର 'ଡିପ୍‌ଲୋମା ଇଞ୍ଜିନିୟରିଂ' ସ୍କୁଲ୍ ତଥା 'ଓଡିଶା ସ୍କୁଲ ଅଫ୍ ମାଇନିଂ ଇଞ୍ଜିନିୟରିଂ' ନାମରେ ସ୍କୁଲ୍ ପ୍ରତିଷ୍ଠା ହୋଇଥିଲା । ସ୍ଥାନୀୟ ନାଗରିକଙ୍କ ଆନ୍ଦୋଳନ ପରେ ୧୯୯୫ରେ 'ଡିପ୍‌ଲୋମା ସ୍କୁଲ' କ୍ୟାମ୍ପସରେ ମାଇନିଂ ଇଞ୍ଜିନିୟରିଂ ଡିଗ୍ରୀ ପାଠ୍ୟକ୍ରମ ଆରମ୍ଭ ହୋଇଥିଲା । ପୁଣି ୧୯୯୭ରେ ତତ୍କାଳୀନ ସରକାର ଚକ୍ରାନ୍ତ କରି ପାଠ୍ୟକ୍ରମ ବନ୍ଦ କରିଥିଲେ, କିନ୍ତୁ ୨୦୦୧ରେ ସଦର ବିଧାୟକ ମୋହନ ଚରଣ ମାଝୀ ଓ କେନ୍ଦୁଝର ନାଗରିକ ମଂଚର ହସ୍ତକ୍ଷେପରେ ପୁଣି କଲେଜଟି କାର୍ଯ୍ୟକ୍ଷମ ହେଲା ଓ ୨୦୦୬ ରେ ସରକାର ବିପିୟୁଟି ଅଧିନକୁ ଆଣି ଉତର ଓଡିଶାର ଏକମାତ୍ର ବୈଷୟିକ ଡିଗ୍ରୀ କଲେଜ ରୂପେ ଗ୍ରହଣ କଲେ ।

## ଏପ୍ରିଲ ୩୦ ସୁଦ୍ଧା ସରିବ ଶ୍ରୀମନ୍ଦିର ନାଟ ମଣ୍ଡପ ମରାମତି କାମ

କଟକ,୧୮।୧(ପି.ଏନ): ଆସନ୍ତା ଏପ୍ରିଲ ୩୦ ସୁଦ୍ଧା ଶେଷ ହେବ ଶ୍ରୀମନ୍ଦିର ନାଟମଣ୍ଡପ ଓ ଜଗମୋହନ ମରାମତି କାର୍ଯ୍ୟ । ଏନେଇ ଆଜି ହାଇକୋର୍ଟଙ୍କୁ ଅବଗତ କରାଇଛନ୍ତି ଆମିକସ କ୍ୟୁରି ଏନ୍.କେ ମହାନ୍ତି । ୧୦ ତାରିଖରେ ବିମ୍ ଡିଜାଇନ୍ ଚୂଡ଼ାନ୍ତ ହୋଇଥିବା ଆମିକସ୍ କ୍ୟୁରି ହାଇକୋର୍ଟଙ୍କୁ ଜଣାଇଛନ୍ତି । ମରାମତି କାମ ସମ୍ପର୍କରେ ସତ୍ୟପାଠ ଦାଖଲ ପାଇଁ ଇଝଓକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ସପ୍ତାହରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ ହୋଇଛି ।

## ରାଜ୍ୟ ସରକାରୀ କର୍ମଚାରୀଙ୍କ ପାଇଁ ଖୁସି ଖବର, ଜାନୁଆରୀ ୨୨ରେ ହାଫ୍ ଡେ' ଛୁଟି

ଭୁବନେଶ୍ୱର,୧୮।୧(ପି.ଏନ): ରାଜ୍ୟ ସରକାରୀ କର୍ମଚାରୀଙ୍କ ପାଇଁ ଖୁସି ଖବର। ଜାନୁଆରୀ ୨୨କୁ ହାଫ୍ ଡେ' ଛୁଟି ଘୋଷଣା କରିଛନ୍ତି ରାଜ୍ୟ ସରକାର। ସେହିଦିନ ଅଯୋଧ୍ୟାରେ ରାମ ଲଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବାକୁ ଥିବାରୁ ସରକାର ହାଫ୍ ଡେ' ଛୁଟି ଘୋଷଣା କରିଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତି ଅନୁଯାୟୀ, ୨୨ ତାରିଖରେ ରାଜ୍ୟର ସମସ୍ତ ସରକାରୀ ଅଫିସ ଅପରାହ୍ନ ୨ଟା ୩୦ ଯାଏଁ ଛୁଟି ରହିବ। ରାଜ୍ୟ ସରକାରଙ୍କ କାର୍ଯ୍ୟାଳୟ ସହିତ ରେଭିନ୍ୟୁ ଓ ମାଜିଷ୍ଟ୍ରେଟ୍ କୋର୍ଟ (ଏଗ୍‌ଜିକ୍ୟୁଟିଭ୍) ଗୁଡିକ ମଧ୍ୟ ଅପରାହ୍ନ ଅଢ଼େଇଟା ପର୍ଯ୍ୟନ୍ତ ଛୁଟି ରହିବ। ଏହା ପୂର୍ବରୁ ଆଜି କେନ୍ଦ୍ର ସରକାର ଜାନୁଆରୀ ୨୨ ତାରିଖ ପାଇଁ ହାଫ୍ ଡେ' ଛୁଟି ଘୋଷଣା କରିଥିଲେ। କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ସମସ୍ତ ଅଫିସ୍, ଶିକ୍ଷାନୁଷ୍ଠାନ ଓ ଶିଳ୍ପାନୁଷ୍ଠାନ ଗୁଡିକ ପାଇଁ ହାଫ୍ ଡେ' ଛୁଟି ଘୋଷଣା କରାଯାଇଛି। ଅପରାହ୍ନ ଅଢ଼େଇଟା ପର୍ଯ୍ୟନ୍ତ କେନ୍ଦ୍ର ସରକାର ହାଫ୍ ଡେ' ଘୋଷଣା କରିଛନ୍ତି।

## ମୋଦି ଗ୍ୟାରେଣ୍ଟିର ତଥ୍ୟ ନେଇ ଜିଲ୍ଲାର ସବୁ ଘରକୁ ଯିବ ବିଜେପି: ରାଜ୍ୟ ଉପ ସଭାପତି ଗୋଲଖ ମହାପାତ୍ର

ଅନୁଗୁଳ,୧୮।୧(ପି.ଏନ): ଅନୁଗୁଳ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଗୁରୁବାର ବିଜେପିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଜିଲ୍ଲା ସଭାପତି ଡିଲେଶ୍ୱର ପ୍ରଧାନ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବିଜେପି ରାଜ୍ୟ ଉପ ସଭାପତି ତଥା ମୁଖପାତ୍ର ଗୋଲଖ ମହାପାତ୍ର ଯୋଗଦେଇ ଅନୁଗୁଳ ଜିଲ୍ଲା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଙ୍କ ସେବା ଓ କଲ୍ୟାଣ କାରୀ ଯୋଜନା ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରୟାସ ରେ ହୋଇଥିବା ବିକାଶ ମୂଳକ କାର୍ଯ୍ୟ ର ଏକ ପ୍ରଚାର ପତ୍ର ଉନ୍‌ମୋଚନ କରିଥିଲେ ।ନରେନ୍ଦ୍ର ମୋଦି ସରକାର ର ୧୦ ବର୍ଷ ର ସେବା ସୁଶାସନ ଓ ଗରିବ କଲ୍ୟାଣ ରେ ଅନୁଗୁଳ ଜିଲ୍ଲା ସବୁଠୁ ବେଶି ଲାଭାର୍ଣ୍ଣିତ ହୋଇଛି ।୬୦ ହଜାର କୋଟି ରୁ ଉର୍ଦ୍ଧ୍ୱ ଅନୁଗୁଳ ଜିଲ୍ଲାର ବିକାଶ ପାଇଁ ଖର୍ଚ୍ଚ ହୋଇଛି ।ଏହି ସମସ୍ତ କାର୍ଯ୍ୟ ର ସୂଚୀ ମୋଦି ଗ୍ୟାରେଣ୍ଟି କୁ ନେଇ ଜିଲ୍ଲାର ସବୁ ଘରକୁ ଯିବ ବିଜେପି ବୋଲି ରାଜ୍ୟ ଉପ ସଭାପତି ଗୋଳକ ମହାପାତ୍ର ପ୍ରକାଶ କରିଥିଲେ ।ଜଳ ଜୀବନ ମିଶନ ରେ ୨ ଲକ୍ଷ ରୁ ଉର୍ଦ୍ଧ୍ୱ ଘରକୁ ପାଇପ ଯୋଗେ ପାଣି କନେକ୍ସନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସହରାଞ୍ଚଳରେ ୫୬୭୦ ଜଣଙ୍କୁ ଘର, ଗ୍ରାମାଞ୍ଚଳରେ ୫୬୭୭୧ ଟି ଘର ,ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ଜିଲ୍ଲାରେ୯ଲକ୍ଷ ୬୦ ହଜାର ଲୋକଙ୍କୁ ମାସକୁ ୫ କେଜି ମାଗଣା ଚାଉଳ, ସ୍ୱଚ୍ଛ ଭାରତ ଯୋଜନାରେ ୨୪୯୪୫୭ ପରିବାର କୁ ଶୌଚାଳୟ, ପ୍ରଧାନମନ୍ତ୍ରୀ ଉଜ୍ଜଳା ଯୋଜନାରେ ୧୬୧୪୩୬ ପରିବାର ଙ୍କୁ ମାଗଣା ଏଲପିଜି ଗ୍ୟାସ, ମନରେଗା ରେ ୭୦୦ କୋଟି ଟଙ୍କା ,ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ୧୪୯ ଟି ରାସ୍ତା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନାରେ ୨୦୭୪୩୭ ଲୋକଙ୍କୁ ବୀମା ସୁରକ୍ଷା,ଏଭଳି ସମସ୍ତ ଯୋଜନା ରେ ଲାଭାର୍ଥୀ ଙ୍କ ବିବରଣୀ ଏହି ପୁସ୍ତିକା ରେ ରହିଛି ।ତାଳଚେର ସାର କାରଖାନା ର ପୁନରୁଦ୍ଧାର ପାଇଁ ୧୩୦୦୦ କୋଟି, ଥର୍ମାଲ ପ୍ଲାଣ୍ଟ ପାଇଁ୧୦୦୦୦କୋଟି, କଟକ ସମ୍ବଲପୁର ଜାତୀୟ ରାଜପଥ, ତାଳଚେର ଡୁବୁରୀ ଜାତୀୟ ରାଜପଥ ସେହିଭଳି ଜିଲ୍ଲାର ସମସ୍ତ ଜାତୀୟ ରାଜପଥ କୁ ଚାରି ଲାଇନ ପାଇଁ ହଜାର ହଜାର କୋଟି ବ୍ୟୟ ବରାଦ, ଅନୁଗୁଳ ସୁକିନ୍ଦା ନୂତନ ରେଳ ଲାଇନ ,ତାଳଚେର ବିମଳାଗଡ଼ ନୂଆଁ ରେଳ ଲାଇନ ପାଇଁ ପ୍ରଚୁର ଅର୍ଥ ଏଭଳି ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ମୋଦି ସରକାର ଙ୍କ ର ଗ୍ୟାରେଣ୍ଟି ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।ଜିଲ୍ଲା ରେ ମୋଦି ସରକାର ଡିଏମ ଏଫ ଫଣ୍ଡ ଗଠନ କରି ବାର୍ଷିକ୧୦୦୦ କୋଟି ରୁ ଉର୍ଦ୍ଧ୍ୱ ଜିଲ୍ଲା ର ବିକାଶ ପାଇଁ ଦେଇଛନ୍ତି ।ସମସ୍ତ ତଥ୍ୟ କୁ ନେଇ ବିଜେପି କାର୍ଯ୍ୟକର୍ତ୍ତା ମାନେ ଘର ଘର ବୁଲି ଲୋକଙ୍କୁ ସଚେତନ କରିବେ ବୋଲି ସେ କହିଛନ୍ତି ।ଆଜି ର ଏହି କାର୍ଯ୍ୟକ୍ରମ ରେ ଅନ୍ୟ ମାନଙ୍କ ମଧ୍ୟରେ ପ୍ରାକ୍ତନ ସାଂସଦ ରୁଦ୍ର ନାରାୟଣ ପାଣି, ପ୍ରାକ୍ତନ ରାଜ୍ୟ ବିଜେପି ସମ୍ପାଦକ କାଳନ୍ଦି ସାମଲ, ପ୍ରାକ୍ତନ ମନ୍ତ୍ରୀ ସଂଜୀବ ସାହୁ,ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତିମା ମିଶ୍ର ପ୍ରମୁଖ ବିଭିନ୍ନ ସାଙ୍ଗଠନିକ ଦିଗ ଉପରେ ଆଲୋକପାତ କରିଥିଲେ। ସମସ୍ତ ମଣ୍ଡଳ ସଭାପତି, ପ୍ରଭାରୀ ଓ ଜିଲ୍ଲା ପଦାଧିକାରୀ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଜାନୁଆରୀ ୨୨ ରେ ଅଯୋଧ୍ୟା ରେ ରାମ ମନ୍ଦିର ପ୍ରତିଷ୍ଠା କୁ ନେଇ ବିଜେପି ଜିଲ୍ଲାର ସବୁ ମନ୍ଦିର ରେ ସଫେଇ କରିବା ସହ ସେହିଦିନ ପୂଜାର୍ଚ୍ଚନା ଓ ଯଜ୍ଞ ସହ ଏକ ଭବ୍ୟ ପରିବେଶ ମଧ୍ୟରେ ସବୁ ଘରେ ଦୀପାବଳୀ ପାଳନ କରିବା କାର୍ଯ୍ୟ କରିବ ବୋଲି ବୈଠକରେ ଆଲୋଚନା ହୋଇଥିଲା।

## ଧରାପଡିଲେ ଦୁର୍ଦ୍ଦାନ୍ତ ରାଜଧାନୀ ଆପାର୍ଟମେଣ୍ଟ ଲୁଟେରା

ଭୁବନେଶ୍ୱର,୧୮।୧(ପି.ଏନ): ଧରା ପଡିଲେ ଆପାର୍ଟମେଣ୍ଟ ଲୁଟେରା ଗ୍ରୁପ୍। କମିଶନରେଟ୍ ପୁଲିସ୍ ଆପାର୍ଟମେଣ୍ଟ ଲୁଟେର ଗ୍ୟାଙ୍ଗର ଦୁଇ ଜଣଙ୍କୁ ଧରିଛି। ସେମାନେ ହେଲେ ଗୁଜୁରାଟର ଦିନେଶ କୁମାର ଶାହା ଓ ହରିଆଣାର ପଓ୍ୱନ କୁମାର। ନୟାପଲ୍ଲୀର ନିରୂପମା ଆପାର୍ଟମେଣ୍ଟ ଲୁଟ୍‌ରେ ଏମାନଙ୍କ ହାତ ଥିବା ଜଣାପଡିଛି। ଅନ୍ୟମାନଙ୍କୁ ଧରିବା ପାଇଁ ପୁଲିସ୍‌ର ଉଦ୍ୟମ ଜାରି ରଖିଛି ବୋଲି ଭୁବନେଶ୍ୱର ଡିସିପି ପ୍ରତୀକ ସିଂ କହିଛନ୍ତି। ରାଜଧାନୀ ଆପାର୍ଟମେଣ୍ଟ ଗ୍ୟାଙ୍ଗରେ ୨୦ରୁ ଅଧିକ ବ୍ୟକ୍ତି ସାମିଲ୍ ଅଛନ୍ତି। ସେମାନଙ୍କ ଭିତରୁ ଗୁଜୁରାଟର ଦିନେଶ କୁମାର ଶାହା ଓ ହରିଆଣାର ପଓ୍ୱନ କୁମାରଙ୍କୁ ଗିରଫ କରିଛନ୍ତି ପୁଲିସ୍। କମିଶନରେଟ୍ ପୁଲିସ୍‌ର କହିବା ଅନୁସାରେ ଏମାନେ ୩ରୁ ୪ ଗ୍ରୁପ୍‌ରେ ରହିଥାଆନ୍ତି। ଆଉ ସହର ସାରା ଘୁରି ବୁଲି ଥାଆନ୍ତି। ତା'ପରେ ଆପାର୍ଟମେଣ୍ଟ୍‌କୁ ଟାର୍ଗେଟ କରନ୍ତି। ବିଶେଷ କରି ତାଲା ପଡୁନଥିବା ଓ ଦୁର୍ବଳ ସିକ୍ୟୁରିଟି ବ୍ୟବସ୍ଥା ଥିବା ଆପାର୍ଟମେଣ୍ଟକୁ ବେଶୀ ନଜର ରଖୁଥିଲେ। ତା'ପରେ ପୂରା ଗ୍ରୁପ୍ ବସି ଲୁଟ୍ ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରୁଥିଲେ।








# ଟି ଟାଇମ୍

## ଜୋକ୍ସ



ଶିକ୍ଷକ-କାଲି ସ୍କୁଲ କାହିଁକି ଆସି ନଥିଲ ?
ଛାତ୍ର-କାଲି ପରା ମୁଁ ପଡିଗଲି । ଆଉ ଲାଗିଗଲା
ଶିକ୍ଷକ-କେଉଁଠି ପଡିଗଲ ଆଉ କ'ଣ ଲାଗିଗଲା ?
ଛାତ୍ର ଖଟରୁ ପଡିଗଲି ଆଉ ମୋ ଆଖି ଲାଗିଗଲା ।

## ପୁରାଣ କାହାଣୀ

# ବାଣୀ ପ୍ରଭାବରେ ଚୋର ହେଲା ସାଧୁ



ଅନ୍ଧାର ରାତିରେ ଚୋରଟି ଚୋରି କରି ଅଣନିଃଶ୍ୱାସୀ ହୋଇ ଚାଲି ଚାଲି ଥକି ଗୋଟିଏ ବୃକ୍ଷମୂଳେ ବିଶ୍ରାମ ନେଉଥିଲା । ହଠାତ୍ ସେ ରାସ୍ତରକଡରେ ବିଶ୍ରାମ ନେଉଥିବା ସମୟରେ ଜରିମାନଙ୍କ ଉପରେ ନଜର ପଡିଲା । ନିଶ୍ଚିନ୍ତରେ ଶୋଇଥିବା ଜରିର ଜୀବନଧାରା ସହିତ ନିଜକୁ ତୁଳନା କରି ଗଭୀର ଚିନ୍ତା କରିବାକୁ ଲାଗିଲା । କେତେବେଳେ ସୂର୍ଯ୍ୟ ଉଦୟ ହେଲେ ତାହା ସେ ଜାଣି ପାରିଲା ନାହିଁ । ଅନ୍ଧାର ଅପସରି ଆସୁଥିବା ବେଳେ ଚୋରର ମାନସିକ ଉଦବେଳନ ବଢ଼ି ଚାଲିଥାଏ । ସେହି ସମୟରେ ସେ ଲୋକଙ୍କୁ ଦେଖି ଭୟଭୀତ ହୋଇ ଚମକି ଉଠିଲା । କାଳେ କିଏ ତାକୁ ଦେଖିଦେଲା ଆଉ ଚିହ୍ନିଦେଲା କି ? ଭିକାରୀ ଓ ବୁଲା କୁକୁର ନିଜ ନିଜ ପେଟ ଭରଣା ପାଇଁ ଏଣେତେଣେ ବୁଲି ଖାଦ୍ୟ ସଂଗ୍ରହ କରିବାକୁ ଲାଗିଲେ । କିନ୍ତୁ ଚୋର ପାଇଁ ଦିନଟି ଥିଲା ଅଭିଶାପ । ଭିକାରୀ କଥା ମନେ ପକାଉ ପକାଉ ତା' ମା କଥା ମନେ ପଡିଲା । ମା'ତାକୁ କହୁଥିଲା କାମକୁ ଡରି ପଳାଇ ଯାଉଛି ଭବିଷ୍ୟତରେ ଅସୁବିଧା ଭୋଗିବୁ । ଏହି କଥା ଭାବୁ ଭାବୁ ରାସ୍ତାରେ ଯାଉଥିବା ଦୁଇ ଦମ୍ପତିଙ୍କ କଥା ଶୁଣିବାକୁ ପାଇଲା । ଦୁଇ ଦମ୍ପତି ରାତିରେ ସାଧୁଙ୍କ ପ୍ରବଚନ ଶୁଣି ସକାଳେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେମାନେ ରାସ୍ତାରେ ସାଧୁଙ୍କ ବାଣୀ ଏତେ ଶାନ୍ତିପ୍ରଦ, ହିତକାରକ, ପ୍ରେରଣାଦାୟୀ ଥିଲା ବୋଲି କୁହାକୁହି ହୋଇ ଯାଉଥିଲେ । ଏହା ଶୁଣି ଚୋରର ମନ ସାଧୁଙ୍କ ବାଣୀ ପ୍ରତି ଆକର୍ଷିତ ହେଲା । ସାଧୁଙ୍କ ବାଣୀରେ ସେ ଏତେ ବିମୁଗ୍ଧ ହୋଇଗଲାଯେ ସେ ସାଧୁଙ୍କ ନିକଟକୁ ଆସିଲା ଓ ପ୍ରବଚନ ଶୁଣିଲା । ଲୁଚାଛପା କାମ କଲେ ମନରେ ଭୟ ଜାତ ହୋଇଥାଏ ବୋଲି ସାଧୁ କହିଲେ । ପରେ ଚୋର ସାଧୁଙ୍କୁ ସବୁ ସତ କଥା କହିଲା । ଅଜ୍ଞାତବସତଃ ମୁଁ ଆଜିଯାଏଁ କୁକର୍ମ କରି ଆସୁଥିଲି । କିନ୍ତୁ ଏବେ ପ୍ରତିଜ୍ଞା କରୁଛି ଆଜିଠାରୁ ମୁଁ ପରିଶ୍ରମ କରିବି ବୋଲି ସାଧୁଙ୍କୁ ସେ ପ୍ରତିଶ୍ରୁତି ଦେଇଥିଲା ।

## ଆଜିର ଭାଗ୍ୟ



**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।



**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।



**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।



**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।



**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।



**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।



**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।



**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିରେ ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।



**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।



**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।



**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।



**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ରାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

# ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା



ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି ।

# ପ୍ରସବ କରିବ ରୋବଟ !



ଇଞ୍ଜିନିୟର ତଥା ନୋବେଲିଷ୍ଟ ଜର୍ଜ ଜୈରକୈଡାକିସ୍‌ଙ୍କ ମତ ଅନୁସାରେ ଆସନ୍ତା ୨୦ରୁ ୩୦ ବର୍ଷ ମଧ୍ୟରେ ଏଭଳି ରୋବଟ ତିଆରି କରାଯାଇପାରିବ, ଯାହା ମଣିଷ ସହିତ ଶାରୀରିକ ସମ୍ପର୍କ ରଖିପାରିବ ଏବଂ ସନ୍ତାନ ପ୍ରସବ କରିପାରିବ। ଏପରିକି କେବଳ ରୋବଟ ପରସ୍ପର ମଧ୍ୟରେ ଶାରୀରିକ ସମ୍ପର୍କ ରଖିପାରିବେ। ବିଶେଷଜ୍ଞଙ୍କ କହିବା ଅନୁସାରେ ଯଦି ମଣିଷଙ୍କ ଅପେକ୍ଷା ରୋବଟଙ୍କ ସଂଖ୍ୟା ବୃଦ୍ଧି ପାଏ ତେବେ ଏହା ଦୁଃସ୍ୱପ୍ନ ସୃଷ୍ଟି କରିବ। ଏହାବ୍ୟତୀତ ପ୍ରଫେସର ବାର୍ବିକଙ୍କ ମତ ଅନୁସାରେ ରୋବଟର ଶାରୀରିକ ସମ୍ପର୍କ ସ୍ଥାପନ କରିବା ଏବଂ ସନ୍ତାନ ପ୍ରସବ କରିବା ନେଇ ସାମାଜିକ ସ୍ୱିକୃତୀ ବିଷୟରେ ଚିନ୍ତା କରାଯିବ। ଏଭଳି କୌଶଳକୁ ନେଇ କିଛି ପ୍ରତିକ୍ରିୟା ଓ ସମସ୍ୟା ମଧ୍ୟ ଉପୁଜିପାରେ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି।

# ସ୍ମରଣଶକ୍ତି ବଢ଼ାଏ ଅଣ୍ଡା

ଆମେରିକା ସ୍ଥିତ ଟଫ୍ଟ ୟୁନିଭରସିଟିର ରିସର୍ଚ୍ଚ କର୍ତ୍ତାମାନଙ୍କ କହିବା ହେଉଛି କି ଅଣ୍ଡା ଖାଇବା ଦ୍ୱାରା ମସ୍ତିଷ୍କ ମଜଭୁତ୍ ହୋଇଥାଏ ଏବଂ ଡିମେସିୟା ଭଳି ରୋଗର ଭୟ ଟଳିଯାଇଥାଏ । ଏହି ସମସ୍ୟାରେ ପୀଡ଼ିତ ଲୋକମାନଙ୍କର ସ୍ମରଣ ଶକ୍ତି ଅତି କମ୍ ହୋଇଯାଇଥାଏ । ରିସର୍ଚ୍ଚରେ ସାମିଲ୍ ଥିବା ଲୋକମାନଙ୍କୁ ଦୁଇ ଟିମ୍‌ରେ ବିଭାଜିତ କରାଯାଇଥିଲା । ପ୍ରଥମ ଟିମ୍‌କୁ ଖାଇବା ପାଇଁ ନିୟମିତ ୨ଟି ଲେଖାଏଁ ଅଣ୍ଡା ଦିଆଯାଉଥିଲା । ଯେବେକି ଅନ୍ୟ ଟିମ୍‌କୁ ଅଣ୍ଡା ପ୍ରତିବଦଳରେ ଅନ୍ୟାନ୍ୟ ଦ୍ରବ୍ୟ ଖାଇବାକୁ ଦିଆଯାଉଥିଲା । ମାସକ ପରେ ଦୁଇଟି ଟିମ୍‌ର ସଦସ୍ୟମାନଙ୍କର ସ୍ମରଣ ଶକ୍ତି, ତର୍କ କ୍ଷମତା ଏବଂ ଏକାଗ୍ରତା ସ୍ତରର ପରୀକ୍ଷା କରାଯାଇଥିଲା । ନିୟମିତ ଅଣ୍ଡା ଖାଉଥିବା ଟିମ୍‌ର ସଦସ୍ୟମାନଙ୍କର ପ୍ରଦର୍ଶନ ଅନ୍ୟ ଟିମ୍ ତୁଳନାରେ ଅଧିକ ଭଲ ହୋଇଥାଏ । ଅଣ୍ଡାରେ ଲ୍ୟୁଟିନ୍ ଏବଂ ଜେସିକାଥିନ୍ ନାମକ ଦୁଇ ପ୍ରକାର ଅକ୍ସିକରଣ ରୋଗ ପ୍ରତିରୋଧକ ତତ୍ତ୍ୱ ମିଳିଥାଏ । ଯାହା ଭାବିବା ଓ ବୁଝିବା ପ୍ରକ୍ରିୟାକୁ ସହଜ କରିଥାଏ । ଏଥିପାଇଁ ଆପଣ ମାଂସାହାରୀ ହୋଇଥାନ୍ତି ତେବେ ପ୍ରତିଦିନ ଖାଦ୍ୟରେ ଅଣ୍ଡାକୁ ସାମିଲ କରନ୍ତୁ ।

# ଜିନ୍ସ ସୃଷ୍ଟି କରୁଛି ସମସ୍ୟା



ଆଜିକାର ଅତ୍ୟାଧୁନିକ ଯୁବତୀମାନେ ଚିପା ଜିନ୍ସ ପିନ୍ଧିବାକୁ ଏକ ଫ୍ୟାଶନ ମନେ କରୁଛନ୍ତି। ହେଲେ ଏହାଦ୍ୱାରା ଯେ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୁଏ ସେଥିପ୍ରତି କେହି ଧ୍ୟାନ ଦିଅନ୍ତି ନାହିଁ। ଏକ ଗବେଷଣାରୁ ଜଣାଯାଇଛି ଯେ ଚିପା ଜିନ୍ସ ପିନ୍ଧିବା ଦ୍ୱାରା ଏକ ପ୍ରକାର ସ୍ନାୟୁଗତ ରୋଗ ସୃଷ୍ଟି ହୁଏ, ଯାହାକୁ କୁହନ୍ତି 'ମେରାଲଜିଆ ପାରେସ୍ଥଟିକା' ବା 'ଟିଙ୍ଗଲିଙ୍ଗ୍ ଥିଙ୍ଗ ସିଣ୍ଡ୍ରମ'। ଏହାଦ୍ୱାରା ଜଙ୍ଘରେ ଯାଇଥିବା ଚର୍ମ ସମ୍ବନ୍ଧୀୟ ସ୍ନାୟୁଗୁଡିକ ଏମିତି ପ୍ରତିକ୍ରୀୟାଶୀଳ ହୋଇପଡ଼ନ୍ତି ଯେ ଗୋଡ଼ ଝିମ୍‌ଝିମ୍ ଲାଗିବା ସହ ବିନ୍ଧି ଉଠେ। ଏହି ରୋଗରେ ଗୋଡ଼ ଅକାମି ହୋଇଗଲା ପରି ଅନୁଭୂତ ହୁଏ। ଚିପା ଜିନ୍ସ ସାଙ୍ଗକୁ ଯଦି ହାଇ ହିଲ୍ ଜୋତା ପିନ୍ଧିଥିବେ ତେବେ ଅବସ୍ଥା ଆହୁରି ସଙ୍ଗିନ ହୋଇଯିବାର ଆଶଙ୍କା ଥାଏ।

# ବିଶ୍ୱର ବଡ ଫୁଲ ବଜାର



ବିଶ୍ୱର ସବୁଠୁ ବଡ ଫୁଲ ବଜାର ପ୍ରତିଦିନ ଉତ୍ତର ହଲାଣ୍ଡ ଅନ୍ତର୍ଗତ ଆଲସମିର ସହରରେ ବସେ । ସେଠାରେ ବିଶ୍ୱର ସମସ୍ତ ଅଞ୍ଚଳର ଫୁଲ ବିକ୍ରି ହୁଏ । ଦୈନିକ ପ୍ରାୟ ଦୁଇ କୋଟିର ଫୁଲ ସେଠାରେ କାରବାର ହୋଇଥାଏ । ୨୪୩ ଏକର ଜମି ଉପରେ ଏଥିପାଇଁ ଗୋଦାମ ତିଆରି କରାଯାଇଛି । ପ୍ରତିଦିନ ରାତି ୧୦ଟା ସୁଦ୍ଧା ସେଠାକୁ ଫୁଲ ଆସେ ସାରା ରାତି ଫୁଲ ସଜାଡିବା କାର୍ଯ୍ୟ ଚାଲେ । ସକାଳ ୬ରେ ଫୁଲ ବିକ୍ରି ଆରମ୍ଭ ହୁଏ । ପାଇକାରୀ ବଜାର ହୋଇଥିବାରୁ ମୁଖ୍ୟତଃ ପାଇକାରୀମମାନେ ଏଠାକୁ ଆସନ୍ତି । ସମସ୍ତ ବିକ୍ରି ବଟା ନିଲାମ ଦ୍ୱାରା ହୁଏ । ଦିନ ୨ଟା ସୁଦ୍ଧା ବ୍ୟବସାୟ ସରେ ଏବଂ ପର ଦିନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ ।

# ଫେସ୍‌ବୁକ ମାୟାରେ ଯୁବପିଢ଼ି

ବ୍ୟସ୍ତ ବହୁଳ ଜୀବନରେ ଫେସବୁକ ପାଲଟିଛି ମନୋରଞ୍ଜନର ମାଧ୍ୟମ । କାମରୁ ଟିକିଏ ଫୁରୁସତ ମିଳିଲେ ସମସ୍ତେ ଚାହାନ୍ତି ନିରୋଳାରେ ଅନ୍ତରଙ୍ଗ ବନ୍ଧୁ ସହ ଆଳାପ କରିବାକୁ । କିଛି ମନଖୋଲି କଥା ହେବାକୁ ଏବଂ ଅଜଣା ରାଇଜର ଖବର ଜାଣିବାକୁ । ହେଲେ ଏସବୁ ସମ୍ଭବ ହୋଇଛି ସୋସିଆଲ ମିଡିଆ ଫେସବୁକ ପାଇଁ । ସବୁ ପ୍ରତିବନ୍ଧକକୁ ଡେଇଁ ଫେସବୁକ ସମସ୍ତଙ୍କୁ ନିଜର କରି ପାରିଛି । ସ୍ନେହ, ଶ୍ରଦ୍ଧା ଦେଇ ମନ କିଣିଛି । ସେଥିପାଇଁ ଫେସବୁକ ଆଜି ଲକ୍ଷାଧିକ ଲୋକଙ୍କ ପସନ୍ଦ ପାଲଟିଛି । ସଫଳତାର ୧୦ ବର୍ଷ ଅତିକ୍ରମ କରି ଫେସବୁକ ରେକର୍ଡ ସୃଷ୍ଟି କରିଛି ।

୨୦୦୪ରେ ହାର୍ଭାର୍ଡରେ କିଛି ଛାତ୍ରଛାତ୍ରୀ ମେସେଜ ସେୟାର କରି ମଜା ନେବାର ସଫଳତା ଆଜି ବିଶ୍ୱାବସୀ ଅନୁଭବ କରୁଛନ୍ତି । ଯେଉଁ ମଜା ପରବର୍ତ୍ତି କାଳରେ ସାରା ବିଶ୍ୱାବସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ପାରିଛି । ଦୀର୍ଘ ଦଶ ବର୍ଷ ହେଲା ଫେସବୁକ କୁହୁକରେ ସାରା ବିଶ୍ୱ ମସଗୁଲ ହୋଇ ଯାଇଛି । ସବୁ ବର୍ଗର ଜନସାଧାରଣ ଏହି ମୟାଜାଲରେ ଏମିତି ବାନ୍ଧି ହୋଇଛନ୍ତିଯେ ସହଜରେ ମୁକୁଳି ପାରୁ ନାହାନ୍ତି । ବିଶେଷକରି ଯୁବପିଢ଼ିଙ୍କ ପାଇଁ ଫେସବୁକ ଏକ ବରଦାନ ସଦୃଶ ପାଲଟିଛି । ବନ୍ଧୁତା ମଧ୍ୟରେ ଦୂରତା କମାଇବାରେ ଏହି ସୋସିଆଲ ମିଡିଆ ଫେସବୁକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯେଉଁଥିପାଇଁ ଦିନକୁ ଦିନ ଫେସବୁକର ଲୋକପ୍ରିୟତା ଓ ୟୁଜର୍ସଙ୍କ ସଂଖ୍ୟା ବଢ଼ି ଚାଲିଛି । ୧୦ ବର୍ଷ ପୂର୍ବରୁ ଭାରତରେ ଏହାର ସଚେତନତା କମ ଥିଲା । ତେଣୁ ଫେସବୁକ ସମ୍ବନ୍ଧରେ ଅଧିକାଂଶ ଯୁବପିଢ଼ି ଅଜ୍ଞ ଥିଲେ । କିନ୍ତୁ ଆଇଟି ସେକ୍ଟର ଯେପରି ଭାବେ ଦୃତ ଗତିରେ ଚାରିଆଡେ ବ୍ୟାପିଲା ଭାରତରେ ମଧ୍ୟ ତାର ପ୍ରଭାବ ପଡିଲା । ଫଳରେ ଫେସବୁକ ଧିରେଧିରେ ଜନାଦୃତ ହେଲା । ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର ଏବଂ ହାଇଦ୍ରାବଦ ଭଳି ମେଟ୍ରୋ ସିଟିରେ ଏହି ସୋସିଆଲ ମିଡିଆ ପ୍ରଚାର ପ୍ରସାର ହେବା ପରେ ଗାଁ ଗହଳିରେ ବି ଏହାର ଜାଲ ପଡି ଯାଇଛି । ଫେସବୁକ ମାଧ୍ୟମରେ ଭାବ ଆଦାନ ପ୍ରଦାନ ଅତି ସହଜରେ ହେଉଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଛି । ବର୍ତ୍ତମାନସୁଦ୍ଧା ଫେସବୁକର ୧୫୦ ବିଲିଅନ ଡଲାର ସହଯୋଗୀ ହୋଇଥିବା ବେଳେ ୨୦୧.୬ ବିଲିଅନ ବ୍ୟକ୍ତି ବନ୍ଧୁତାର ସୂତ୍ରରେ ବାନ୍ଧି ହୋଇଛନ୍ତି । ପ୍ରତି ମାସରେ ୧.୨୩ ବିଲିଅନ ଲୋକ ଫେସବୁକ ବ୍ୟବହାର କରୁଛନ୍ତି । ପ୍ରତିଦିନ ୬ ବିଲିଅନ ଲୋକ ଫେସବୁକ ପସନ୍ଦ କରୁଥିବା ବେଳେ ୪୦୦ ବିଲିଅନ ଫଟୋ ସେୟାର ହୋଇଛି । ଏହାସହ ୭.୮ ଟ୍ରିଲିଅନ ମେସେଜ ଫେସବୁକରୁ ପଠା ଯାଇଛି । ସୋସିଆଲ ନ୍ଲିନିକ ଓ୍ୱେସାଇଡର ମତ ଅନୁସାରେ କେଳବ ୨୦୧୩ରେ ସାଉଦିରେ ୭.୮ ମିଲିଅନ ଫେସବୁକ ବ୍ୟବହାରକାରୀ ଥିଲେ । ୨୦୦୪ରେ ମାତ୍ର ୧ ମିଲଅନ ଫ୍ୟାନଙ୍କୁ ନେଇ ଆରମ୍ଭ ହୋଇଥିବା ଫେସବୁକ ବର୍ତ୍ତମାନ ୧,୨୩୦ ମିଲିଅନ ବ୍ୟବହାରୀକାରୀଙ୍କ ପାଖରେ ପହଞ୍ଚିଛି । ୨୦୦୫ରେ ୬ ମିଲିଅନ ବ୍ୟବହାରୀକାରୀ ଥିବା ବେଳେ ୨୦୦୭ରେ ୫୮ ମିଲିଅନ, ୨୦୦୮ରେ ୧୪୫ ମିଲିଅନ, ୨୦୦୯ରେ ୩୬୦ ମିଲିଅନ, ୨୦୧୦ରେ ୬୦୮, ୨୦୧୧ରେ ୮୪୫, ୨୦୧୨ରେ ୧,୦୫୬ ଏବଂ ୨୦୧୩ରେ ୧,୨୩୦ ମିଲିଅନ ବ୍ୟକ୍ତି ଫେସବକୁ ବ୍ୟବହାର କରୁଥିବା ୧୦ ବର୍ଷ ପୂର୍ତ୍ତି ଉତ୍ସବରୁ ଜଣାପଡିଥିଲା ।

# ଦୁଦୁରା ଫୁଲର ଔଷଧୀୟ ଗୁଣ



ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉଙ୍କୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବୀନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।




# ଭାରତୀୟ ଅର୍ଥନୀତି, ଷ୍ଟେଟ ବ୍ୟାଙ୍କ ଓ ଡିଜିଟାଲ ବ୍ୟାଙ୍କିଙ୍ଗ ସୁବିଧା



ବର୍ତ୍ତମାନର ସମୟ ଦେଖନ୍ତୁ ସମସ୍ତେ ଚାହୁଁଛନ୍ତି ଘରେ ବସି ହାତପାଆନ୍ତାରେ ଡିଜିଟାଲ ବ୍ୟାଙ୍କିଙ୍ଗ ସୁବିଧା ଯାହାକି ସେମାନଙ୍କୁ ବ୍ୟାଙ୍କ ଯିବା ଧାଁ ଧଉଡ ସମୟର ଅପଚୟରୁ ବଞ୍ଚାଇବ। ଭାରତୀୟ ଅର୍ଥନୀତିରେ ବ୍ୟାଙ୍କମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ପ୍ରତିଟି ବ୍ୟକ୍ତି ସମାଜ, ଗୃହ, ସର୍ବୋପରି ରାଷ୍ଟ୍ରର ଆର୍ଥିକ ଅଭିବୃଦ୍ଧିର ଶ୍ରେଷ୍ଠ ମାଧ୍ୟମ ହେଉଛି ବ୍ୟାଙ୍କ। ଆଜି ସମଗ୍ର ବିଶ୍ୱରେ ଭାରତର ବ୍ୟାଙ୍କ ଗୁଡ଼ିକ ନିଜ ଶ୍ରେଷ୍ଠତା ଅର୍ଜନ କରିଛନ୍ତି। ଆଜି ସୂଚନା ପ୍ରଯୁକ୍ତିର ଅତ୍ୟାଧୁନିକ ଯୁଗରେ ସମସ୍ତଙ୍କ ପାଖରେ ହାତ ପାହାନ୍ତରେ ରହୁଛି ସୂଚନା ପ୍ରଯୁକ୍ତିର ସର୍ବଶେଷ ସମସ୍ତ ଉପାଦେୟ ତଥ୍ୟ ଓ କୌଶଳ। ଡିଜିଟାଲ ବ୍ୟାଙ୍କିଙ୍ଗ ତ୍ୱରାନ୍ୱିତ ହେବାପରେ ଏହି ସୁବିଧା ଲୋକେ ଘରେ ବସି ପାଇପାରୁଛନ୍ତି। ଭାରତର ଅନ୍ୟତମ ସର୍ବବୃହତ୍ତ ନିର୍ଭରଯୋଗ୍ୟ ଓ ବିଶ୍ୱସ୍ତ ବ୍ୟାଙ୍କ ହେଉଛି ଭାରତୀୟ ଷ୍ଟେଟବ୍ୟାଙ୍କ। ସାଧାରଣରେ ବ୍ୟାଙ୍କରେ ବୋଇଲେ ଲୋକମାନେ ଷ୍ଟେଟ ବ୍ୟାଙ୍କକୁ ବୁଝନ୍ତି। ଭାରତୀୟ ଷ୍ଟେଟ ବ୍ୟାଙ୍କର କଟକ ମୁଖ୍ୟ ଶାଖା ଠାରେ ଏକ ଡିଜିଟାଲ ଜୀବନ ପ୍ରମାଣ ପତ୍ର ପଞ୍ଜିକରଣ ଶିବିର ଆୟୋଜିତ ହୋଇଯାଇଛି। ପେନସନଭୋଗୀଙ୍କ ଦ୍ୱାରା ଜୀବନ ପ୍ରମାଣ ଆପ ଦ୍ୱାରା ଫେସ ଅଥେଂଟିକେସନ ଟେକ୍ନୋଲୋଜି ବ୍ୟବହାର କରାଯାଇ ଜୀବନ ପ୍ରମାଣ ପତ୍ର ବା ଲାଇଫ ସାର୍ଟିଫିକେଟ ଦାଖଲ କରାଯାଇଥିଲା। ପେନସନ ଏବଂ ପେନସନଭୋଗୀ କଲ୍ୟାଣ ବିଭାଗ ଏବଂ ଏସବିଆଇ କଟକ ମୁଖ୍ୟଶାଖା ସହଭାଗିତାରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପେନସନଭୋଗୀଙ୍କୁ ଜୀବନ ପ୍ରମାଣ ପତ୍ର ଦାଖଲ ସୁବିଧା ପ୍ରଦାନ କରିବା ଲାଗି ଏହି ନୂଆ ପ୍ରୟାସ ଆରମ୍ଭ କରାଯାଇଛି। ପେନସନଭୋଗୀମାନେ ଜୀବନ ପ୍ରମାଣ ପତ୍ର ପୋର୍ଟାଲ ଜରିଆରେ ଡିଜିଟାଲ ମାଧ୍ୟମରେ ଜୀବନ ପ୍ରମାଣ ପତ୍ର ଦାଖଲ କରିପାରିବେ। ଫେସ ଅଥେଂଟିକେସନ ପ୍ରଯୁକ୍ତି ବ୍ୟବହାର କରି ମଧ୍ୟ ପେନସନଭୋଗୀମାନେ ଜୀବନ ପ୍ରମାଣପତ୍ର ଦାଖଲ କରିପାରିବେ। ଏହାଛଡ଼ା ଆଣ୍ଡ୍ରଏଡ ଅପରେଟିଂ ସିଷ୍ଟମ ଥିବା ସ୍ମାର୍ଟ ଫୋନରେ ଜୀବନ ପ୍ରମାଣ ମୋବାଇଲ ଏପ୍ଲିକେସନ ମାଧ୍ୟମରେ ଡିଜିଟାଲ ଲାଇଫ ସାର୍ଟିଫିକେଟ ଦାଖଲ କରାଯାଇପାରିବ।

ଭାରତର ସମସ୍ତ ବ୍ୟାଙ୍କ ଭିତରେ ପ୍ରଥମ ସ୍ଥାନରେ ଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କ ଲୋକମାନଙ୍କୁ ସାମଗ୍ରୀକ ସୁବିଧା ସୁଯୋଗ ଓ ଅର୍ଥନୈତିକ ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ସହଯୋଗ ରଖିଛି। ଭାରତୀୟ ମାନଙ୍କର ଏକ ନିର୍ଭରଯୋଗ୍ୟ ବ୍ୟାଙ୍କ ଭାବେ ଷ୍ଟେଟ ବ୍ୟାଙ୍କ ବେଶ ପରିଚିତ। ଓଡ଼ିଶାରେ କଟକ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ପ୍ରଗତି ଓ ଜନସାଧାରଣଙ୍କୁ ସାମଗ୍ରିକ ବ୍ୟାଙ୍କ ସ୍ୱାର୍ଥ ସୁବିଧା ଯୋଗାଇବାରେ ବିଶେଷ ଅଗ୍ରଗତି କରି ଗ୍ରାହକଙ୍କ ବିଶ୍ୱାସଭାଜନ ହେବା ସହ ବ୍ୟାପକ ସହଯୋଗର ହାତ ବଢ଼ାଇଛି। କେନ୍ଦ୍ର ସରକାର ପେନସନଭୋଗୀଙ୍କ ପାଇଁ ସ୍ୱତନ୍ତ୍ର ଯୋଜନା ଓ ସେମାନଙ୍କର ହାତପାହାନ୍ତାରେ ବ୍ୟାଙ୍କ ସେବା ସୁବିଧା ବ୍ୟାପକ ଉପଲବ୍ଧ କରୁଛନ୍ତି। ନିକଟରେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, କଟକ ମୁଖ୍ୟ ଶାଖାରେ ଭାରତ ସରକାରଙ୍କ ଦ୍ୱାରା ପେନସନଭୋଗୀଙ୍କ ପାଇଁ ଡିଜିଟାଲ ଲାଇଫ ସାର୍ଟିଫିକେଟ କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କେନ୍ଦ୍ର ସରକାରଙ୍କ ପେନସନ ଓ ପେନସନ ୱେଲଫେୟାର ବିଭାଗର ଅଣ୍ଡର ସେକ୍ରେଟାରୀ ଶ୍ରୀ ବିଶାଲ କୁମାର, ଏଏସ୍‌ଓ ଅଂଶୁଳ ଶର୍ମା, ଇଉଆଇଡିଆଇ (ଆଧାର)ର ଡେପୁଟି ଡାଇରେକ୍ଟର ଟି. ଚୈତନ୍ୟ ରେଡ୍ଡୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସରକାରଙ୍କ ଏହି ସର୍ବବୃହତ୍ତ ଯୋଜନା ପେନସନ ଭୋଗୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ସେବା ସହଯୋଗ ବୋଲି ମତବ୍ୟକ୍ତ କରିଥିଲେ। ଏହାଦ୍ୱାରା ଜୀବନ ପ୍ରମାଣ ଆପ ଦ୍ୱାରା ପେନସନଭୋଗୀମାନେ ଜୀବନ ପ୍ରମାଣ ପତ୍ର ପୈଠ କରିପାରିବେ ଯାହାଦ୍ୱାରା ସେମାନଙ୍କୁ ବ୍ୟାଙ୍କକୁ ଆସି ସେମାନଙ୍କର ମୂଲ୍ୟବାନ ସମୟର ଅପବ୍ୟୟ କରିବାକୁ ପଡ଼ିବନି। ଏହି ଅବସରରେ ଶତାଧିକ ପେନସନଭୋଗୀ ଡିଜିଟାଲ ମାଧ୍ୟମରେ ଜୀବନ ପ୍ରମାଣ ପତ୍ର ପୈଠ କରିଥିଲେ। କାର୍ଯ୍ୟକ୍ରମକୁ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, କଟକ ମୁଖ୍ୟ ଶାଖାର ଉପମହାପ୍ରବନ୍ଧକ ସନ୍ତୋଷ କୁମାର ବେହେରା, ମୁଖ୍ୟ ପ୍ରବନ୍ଧକ ବିଜୟ କୁମାର ନାୟକ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକରୁ ଉର୍ଦ୍ଧ୍ୱ ଗ୍ରାହକ, ପେନସନଭୋଗୀ, ଅର୍ଥନୀତି ବିଶାରଦ, ପୂର୍ବତନ ବ୍ୟାଙ୍କ କର୍ମକର୍ତ୍ତା ଓ ଗଣମାଧ୍ୟମ ବ୍ୟକ୍ତିତ୍ୱ ଯୋଗ ଦେଇଥିଲେ। ସୂଚନାଥାଉକି କଟକ ମୁଖ୍ୟ ଶାଖା ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ଉପମହାପ୍ରବନ୍ଧକ ସନ୍ତୋଶ କୁମାର ବେହେରାଙ୍କ ତତ୍ତ୍ୱାବଧାନ ଓ ମାର୍ଗଦର୍ଶନରେ ଏହି ଶାଖା ଜନସାଧାରଣଙ୍କ ବିଶ୍ୱାସ ଜିତିବା ସହ କଟକ ସହରର ସମସ୍ତ ବ୍ୟାଙ୍କ ଭିତରେ ଶ୍ରେଷ୍ଠ ଓ ଉଦାହରଣ ସୃଷ୍ଟିକାରୀ ଆଦର୍ଶଣୀୟ ବ୍ୟାଙ୍କ ଶାଖା ପାଲଟିଛି। ଗ୍ରାହକମାନେ ତତ୍କାଳ ଓ ଉନ୍ନତମାନର ସେବା ପାଉଛନ୍ତି।

ଉପରୋକ୍ତ ଯୋଜନା ସମ୍ପର୍କରେ ବ୍ୟାପକ ପ୍ରଚାର ପ୍ରସାର କରିବା ଲାଗି ଭାରତ ସରକାରଙ୍କ ପେନସନ ଏବଂ ପେନସନଭୋଗୀ କଲ୍ୟାଣ ବିଭାଗ ପକ୍ଷରୁ କେନ୍ଦ୍ର ସରକାରୀ ପେନସନଭୋଗୀଙ୍କ ପାଇଁ ରାଷ୍ଟ୍ରବ୍ୟାପୀ ଡିଜିଟାଲ ଜୀବନ ପ୍ରମାଣ ପତ୍ର ପ୍ରୋତ୍ସାହନ ଅଭିଯାନ ଆରମ୍ଭ କରାଯାଇଛି। ପେନସନ ଏବଂ ପେନସନଭୋଗୀ କଲ୍ୟାଣ ବିଭାଗ ପକ୍ଷରୁ ଦେଶର ୩୭ଟି ଏବଂ ଓଡ଼ିଶାର ୩ଟି ସହରରେ ଡିଜିଟାଲ ଲାଇଫ ସାର୍ଟିଫିକେଟ ଦାଖଲ ଶିବିର ଆୟୋଜନ କରାଯାଉଛି। ଭୁବନେଶ୍ୱର, କଟକ ଏବଂ ବାଲେଶ୍ୱର ଠାରେ ଏହି ସଚେତନତା ଶିବିର ଆୟୋଜିତ ହେଉଛି। ଭାରତୀୟ ଷ୍ଟେଟ ବ୍ୟାଙ୍କ ଭାରତୀୟ ଅର୍ଥନୀତିର ପ୍ରଗତି ପାଇଁ ଏକ ସର୍ବଶ୍ରେଷ୍ଠ ବ୍ୟାଙ୍କ ସେବା। କୋଟି କୋଟି ଜନସାଧାରଣଙ୍କ ବିଶ୍ୱ ଭାଜନ ହୋଇଛି ଭାରତୀୟ ଷ୍ଟେଟ ବ୍ୟାଙ୍କ। ସାଧାରଣରେ ଅର୍ଥନୀତିରେ ସଞ୍ଚୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଦେଶର ପ୍ରଗତିରେ ଆମ ସମସ୍ତଙ୍କର ଉତ୍ତରଦାୟୀ ଭୂମିକା ରହିଛି। ଏ କ୍ଷେତ୍ରରେ ଆମ ସମସ୍ତଙ୍କର ସଚେତନଧର୍ମୀ ଓ ଗୁରୁତ୍ୱପୂର୍ଣ୍ଣ ସେବା ସହଯୋଗ ଦ୍ୱାରା ଭାରତୀୟ ଅର୍ଥନୀତି ସୁଦୃଢ଼ ହୋଇପାରିବ।

# ପାଇକ ପରମ୍ପରାର ସୁରକ୍ଷା ପାଇଁ ଆହ୍ୱାନ



ଖୋର୍ଦ୍ଧା (ପିଏନ୍): ବରୁଣେଇ ପାଇକ ସ୍ମାରକୀସ୍ଥଳୀ ପାଳିଛି ତୃତୀୟ ବାର୍ଷିକ ଶିଳାନ୍ୟାସ ଉତ୍ସବ। ୨୦୧୯ ଡିସେମ୍ବର ୮ ତାରିଖରେ ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏଠାରେ ଶୁଭ ଦେଇଥିଲେ। ଏଯାଏଁ ମାଟି ଗାଣ୍ଡୁଆଟେ ପଡ଼ିଲାନି, ହେଲେ ସେଇ ସ୍ମୃତିକୁ ମନେରଖିବା ପାଇଁ ପ୍ରତିବର୍ଷ କଳିଙ୍ଗ ପାଇକ ସଂଗଠନ ପକ୍ଷରୁ ସେଠାରେ ଆୟୋଜିତ ହେଉଛି ପାଇକ ଆଖଡ଼ା ଓ ଆଲୋଚନଚକ୍ର। ଗୌରବଶାଳୀ ଅତୀତ ଭବିଷ୍ୟତକୁ ପ୍ରେରିତ କରିଥାଏ। ସୁପ୍ତ ସିଂହକୁ ଜାଗ୍ରତ କରିଥାଏ। ସେଇ ଅତୀତ ଇତିହାସର ରୋମନ୍ଥନ ହୋଇଛି ବରୁଣେଇ ପାଦଦେଶରେ। ୨୦୧୯ ମସିହା ଡିସେମ୍ବର ୮ ତାରିଖରେ ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ବରୁଣେଇଠାରେ ପାଇକ ସ୍ମାରକୀସ୍ଥଳୀର ଶୁଭ ଦେଇଥିଲେ। ଅଦ୍ୟାବଧି ସେଠାରେ କାମ ଆରଂଭ ହୋଇନି। ତେବେ ସେହି ଦିନଟିକୁ ସ୍ମରଣ କରିବା ପାଇଁ ପାଇକଦାୟାଦ ଓ ବୁଦ୍ଧିଜୀବୀମାନେ ପାଳୁଛନ୍ତି ତୃତୀୟ ବର୍ଷ ପୂର୍ତ୍ତି ପ୍ରତିଷ୍ଠା ଦିବସ। ବରୁଣେଇ ପାଦଦେଶରେ ସ୍ମାରକୀ ପାଇ ଉଦ୍ଦିଷ୍ଟ ସ୍ଥାନରେ କଳିଙ୍ଗ ପାଇକ ସଂଗଠନ ପକ୍ଷରୁ ଆୟୋଜିତ ହୋଇଥିଲା ଏହି କାର୍ଯ୍ୟକ୍ରମ। ମା’ ବରୁଣେଇ, କରୁଣେଇଙ୍କ ପାଖରେ ପୂଜାର୍ଚ୍ଚନା ପରେ ପାଇକ ଆଖଡ଼ା ପ୍ରଦର୍ଶନ କରି ଉତ୍ସବସ୍ଥଳୀକୁ ଆସିଥିଲେ। ଛୋଟ ଛୋଟ ପିଲାଙ୍କର ପାଇକ ଆଖଡ଼ା ସମସ୍ତଙ୍କର ମନ ମୋହିଥିଲା। ସଂଗଠନର ସଭାପତି ଭୀମସେନ ପ୍ରଧାନଙ୍କ ପୌରୋହିତ୍ୟରେ ଅଧ୍ୟକ୍ଷତାରେ ଆୟୋଜିତ ‘ପାଇକ ଶୌର୍ଯ୍ୟଗାଥାର ରୋମନ୍ଥନ, ଉତ୍କଳୀୟ ବୀରତ୍ୱର ନିଦର୍ଶନ’ ଆଲୋଚନାଚକ୍ରରେ ଐତିହାସିକ ସତ୍ୟବାଦୀ ବଳିଆରସିଂହ ଉଦବୋଧନ ଦେଇଥିଲେ। ସେ କହିଥିଲେ ଯେ, ପାଇକ ପରମ୍ପରା ହେଉଚି ଏକ ବୀରତ୍ୱର ପରମ୍ପରା, ଏକନିଷ୍ଠ ଭାବେ ଏକାଠି ହୋଇ ଇଂରେଜଙ୍କୁ ନାକେଦମ କରିଥିଲେ ପାଇକ। ସେମାନେ କୃଷି କରୁଥିଲେ, ଯୁଦ୍ଧ ବି କରୁଥିଲେ। ଏହିଭଳି ପରମ୍ପରାର ସୁରକ୍ଷା ନିହାତି ଆବଶ୍ୟକ। ତେଣୁ ସମସ୍ତ ପ୍ରତିବନ୍ଧକ ହଠାଯାଇ ଯଥାଶୀଘ୍ର ବରୁଣେଇରେ ପାଇକ ସ୍ମାରକୀ ପ୍ରତିଷ୍ଠା ହେଉ ବୋଲି ସେ ଦାବି କରିଥିଲେ। କଳିଙ୍ଗ ପାଇକ ସଂଗଠନର ମୁଖ୍ୟ ସଂଚାଳକ ଇଂ ଶିଶିର କୁମାର ନାୟକ ବରୁଣେଇ ଭଳି ରାଜଧାନୀ ନୂଆଦିଲ୍ଲୀରେ ମଧ୍ୟ ପ୍ରଥମ ସ୍ୱାଧୀନତା ସଂଗ୍ରାମ ପାଇକ ବିଦ୍ରୋହର ସ୍ମାରକୀ ପ୍ରତିଷ୍ଠା ପାଇଁ ଉଦ୍ୟମ ହେବା ଆବଶ୍ୟକ ବୋଲି ମତ ଦେଇଥିଲେ। ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉତ୍କଳ ବିକାଶ ପରିଷଦର ମହାସଚିବ ଋଷି ଗୁମାନସିଂହ, ଐତିହାସିକ ମଦନ ମୋହନ ମହାପାତ୍ର, ରବୀନ୍ଦ୍ର କୁମାର ପରିଡ଼ା, ଖୋର୍ଦ୍ଧା ଓକିଲ ସଂଘର ସଭାପତି ବିଜୟ କୁମାର ସାମନ୍ତସିଂହାର, କୃଷକ ନେତା ଶ୍ରୀରଂଜନ ମଙ୍ଗରାଜ, ରଶ୍ମୀତା ନାୟକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ନୂଆ ପିଢ଼ିଙ୍କୁ ବୀରତ୍ୱ ଓ ଶୌର୍ଯ୍ୟର ପରାକାଷ୍ଠା ପ୍ରଦର୍ଶନ ପାଇଁ ଉଦବୁଦ୍ଧ ହେବାକୁ ଗୁରୁତ୍ୱ ଦେଇଥିଲେ। କରାଟେ, ଟାଇକୋଣ୍ଡୋ ଭଳି ପିଲାଙ୍କୁ ପାଇକ ଆଖଡ଼ା ଶିଖାଇବା ପାଇଁ ପ୍ରାରଂଭିକ ଭାବେ ଖୋର୍ଦ୍ଧା ସହରରେ ଏକ ଆଖଡ଼ା ଘର ପ୍ରତିଷ୍ଠା ପାଇଁ କଳିଙ୍ଗ ପାଇକ ସଂଗଠନର କୋଷାଧ୍ୟକ୍ଷ ସମରେନ୍ଦ୍ର ବଳିଆରସିଂହ ପ୍ରସ୍ତାବ ଦେଇଥିଲେ। ପ୍ରତ୍ୟୁଷରେ କଳିଙ୍ଗ ପାଇକ ସଂଗଠନର କାର୍ଯ୍ୟକାରୀ ସଭାପତି ତଥା ରାମଚଣ୍ଡୀ ଦଳବେହେରା ମୃତ୍ୟୁଞ୍ଜୟ ଛୋଟରାୟ ପରମ୍ପରା ମୁତାବକ ଦେବୀ ବରୁଣେଇଙ୍କ ପୂଜାର୍ଚ୍ଚନା କରି ପାଇକ ଥାଟ ମେଳରେ ପାଇକ ସ୍ମାରକୀ ସଭାସ୍ଥଳକୁ ଆସିଥିଲେ। ପୁରୀ ଜିଲ୍ଲା ଦୋକନ୍ଦାର ମନୋରଂଜନ ପଶ୍ଚିମକବାଟ ଓ ଗୁରୁ ପ୍ରଭାକର ପାଲଟାସିଂହ ନେତୃତ୍ୱରେ ପାଇକଦଳ, ଭାସ୍କର ସୁନ୍ଦରାୟଙ୍କ ନେତୃତ୍ୱରେ ଗଡ଼ମାଣତୀର ଓ କୋତଲାଙ୍ଗ ପାଇକଦଳ, ନିରଞ୍ଜନ ରଣସିଂହଙ୍କ ନେତୃତ୍ୱରେ ବରପଦା ପାଇକଦଳ ଓ ସ୍ୱପ୍ନେଶ୍ୱର ଛୋଟରାୟଙ୍କ ନେତୃତ୍ୱରେ ଆଡ଼ଖଣ୍ଡିଆ ପାଇକଦଳ ବିଭିନ୍ନ ପ୍ରକାର ଆକର୍ଷଣୀୟ ପାଇକଆଖଡ଼ା ପ୍ରଦର୍ଶନ କରି ରଣହୁଙ୍କାର ଦେଇଥିଲେ। ପୂର୍ବରୁ ମାଟିଆପଡ଼ା ଦଳବେହେରା ଦୁର୍ଗାପ୍ରସାଦ ହରିଚନ୍ଦନ ଓ ବାଲିହୁଙ୍କା ଦଳବେହେରା ଅଜୟ ମାନଧାତାଙ୍କ ନେତୃତ୍ୱରେ ପଂଚପାଇକ ପୀଠରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। କଳିଙ୍ଗ ପାଇକ ସଂଗଠନର ଉପସଭାପତି ପ୍ରଫୁଲ୍ଲ ସାମନ୍ତରାୟ, ସମ୍ପାଦକ ରମଜାନ୍ ଖାଁ, ରାମନାରାୟଣ ଦାଶ, ପ୍ରସନ୍ନ କୁମାର ପାଇକରାୟ ଓ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# ଭୁଷୁଡ଼ିଲେ ଚେତିବେ ! ଆଁ କରିଛି ଅଙ୍ଗନବାଡ଼ି



ଭୁବନେଶ୍ୱର (ପିଏନ୍): ସ୍ମାର୍ଟ ନଗରୀ ରାଜଧାନୀ ଭୁବନେଶ୍ୱରଠାରୁ ମାତ୍ର ୧୫ କିଲୋମିଟର ଦୂରରେ ରହିଥିବା ଏକ ବିପଦସଙ୍କୁଳ, ବିପର୍ଯ୍ୟସ୍ତ ତଥା ଅସୁରକ୍ଷିତ ଅଙ୍ଗନବାଡ଼ି କେନ୍ଦ୍ରର ସାଙ୍ଘାତିକ ଦୃଶ୍ୟର ଚିତ୍ର ସାମ୍ନାକୁ ଆସିଛି। ରାଜଧାନୀର ଛାତି ଉପରେ ଥିବା ଉକ୍ତ ଅଙ୍ଗନବାଡ଼ିର ଛାତଟି ସମ୍ପୂର୍ଣ୍ଣ ରୂପେ ଫାଟି ଆଁ କରି ରହିଛି। ବାରଣ୍ଡାର ଖୁଣ୍ଟି ଭାଙ୍ଗି ମାଟି କାମୁଡ଼ି ତଳେ ଲୋଟିପଡ଼ିଛି। ଗୃହ କାନ୍ଥରେ ନାଲି ଅଳତା ଓ ଅଙ୍ଗାରରେ ଲେଖା ରହିଛି ବିପଦ, କୌଣସି ସମୟରେ ଘରଟି ଭାଙ୍ଗି ଯାଇପାରେ, ଏଠାରେ ଚଳ ପ୍ରଚଳ କରନ୍ତୁ ନାହିଁ, ବିପଦପୂର୍ଣ୍ଣ କୋଠା ପରି ଅନେକ ସତର୍କ ସୂଚନା। ସତେଯେପରି କୋଠାଟି ଭୂତକୋଠି ପାଲଟିଯିବା ସହ ସରୀସୃପଙ୍କ ଆବାସସ୍ଥଳୀରେ ପରିଣତ ହୋଇଯାଇଛି। ଇଏ ହେଉଛି ଆମ ଖୋର୍ଦ୍ଧା ଜିଲ୍ଲା ଜଟଣୀ ବ୍ଲକ ଅନ୍ତର୍ଗତ ଛତାବର ପଞ୍ଚାୟତ ଅଧିନସ୍ଥ ବିନ୍ଧ୍ୟଗିରି ଅଙ୍ଗନବାଡ଼ିର କରୁଣଚିତ୍ର। ଉକ୍ତ ଅଙ୍ଗନବାଡ଼ି କୋଠାକୁ ଲାଗି ରହିଛି ବିନ୍ଧ୍ୟଗିରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। ସୂଚନାଯୋଗ୍ୟ, ଉକ୍ତ ବିଦ୍ୟାଳୟରେ ୨୦୧୪ ମସିହାରୁ ତତ୍କାଳୀନ ଜିଲ୍ଲାପାଳ ଏବଂ ଜିଲ୍ଲା ପ୍ରକଳ୍ପ ସଂଯୋଜକ ସର୍ବଶିକ୍ଷା ଅଭିଯାନ, ଖୋର୍ଦ୍ଧାର ପତ୍ର ନଂ.୪୨/ଏସ୍‌ଏସ୍‌ଏ ୬.୧.୨୦୧୨ ନିର୍ଦ୍ଦେଶ ଅନୁଯାୟୀ ଅଦ୍ୟାବଧି ଗୋଟିଏ ଶ୍ରେଣୀ ଗୃହରେ ଏହି ଅଙ୍ଗନବାଡ଼ି କେନ୍ଦ୍ରଟି ଚାଲିଛି। ଯେଉଁଠିକୁ ରାତି ପାହିଲେ କୁନି କୁନି ଶିଶୁମାନେ ଶିକ୍ଷା ଗ୍ରହଣ ପାଇଁ ଧାଇଁ ଆସିଥା’ନ୍ତି। ଖେଳଛୁଟି ହେଉ କି ଉପରଓଳି ହେଉ ବିଦ୍ୟାଳୟର ଛାତ୍ର, ଛାତ୍ରୀମାନେ ଏହି ବିପଦସଙ୍କୁଳ ଅଙ୍ଗନବାଡ଼ିକୁ ଲାଗି ରହିଥିବା ଖେଳ ପଡ଼ିଆଟିରେ କ୍ରିକେଟ, ଲୁଚୁକାଳି, ଧାଁ ଦଉଡ଼ ଖେଳ ଇତ୍ୟାଦି ଖେଳିଥାନ୍ତି। ଏହି ବିପଦପୂର୍ଣ୍ଣ କୋଠାଟି କେଉଁ ସମୟରେ ଭୁଷୁଡ଼ି ଯାଇପାରେ ତାହା ସମୟ ହିଁ କହିବ। ଏ ନେଇ ବିନ୍ଧ୍ୟଗିରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଏ ସମ୍ପର୍କରେ ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କୁ ବାରମ୍ବାର ଜଣାଇଥିଲେ ବି ଅଧିକାରୀମାନେ ପରିଦର୍ଶନରେ ଆସନ୍ତି ସତ, କିନ୍ତୁ ବୁଲାବୁଲି କରି ଯେଝା ବାଟରେ ଚାଲିଯାଇଥାନ୍ତି। କିଏ ନିର୍ଦ୍ଦେଶ ଦେବ, କାହା ନିର୍ଦ୍ଦେଶକୁ ଅପେକ୍ଷା, କାହିଁକି ଏ ବିପଦ ସଙ୍କୁଳ ଅଙ୍ଗନବାଡ଼ିଟି ଭଙ୍ଗା ଯାଉନାହିଁ ଏ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କୌଣସି ଅଘଟଣ ଘଟିବା ପୂର୍ବରୁ ଯଥାଶୀଘ୍ର ଉକ୍ତ କୋଠାଟିକୁ ସମ୍ପୂର୍ଣ୍ଣ ରୂପେ ଭାଙ୍ଗିବା ଲାଗି ସାମାଜିକ କର୍ମୀ ସୁଶାନ୍ତ ସାହୁ ଏ ନେଇ ଖୋର୍ଦ୍ଧା ଜିଲ୍ଲାପାଳ ଶ୍ରୀ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ପତ୍ର ଲେଖି ହସ୍ତକ୍ଷେପ ଲୋଡ଼ିଛନ୍ତି।

## ନାବାଳିକାଙ୍କୁ ବ୍ଲାକମେଲ ମାମଲାରେ ଅଭିଯୁକ୍ତକୁ ୫ ବର୍ଷ ଜେଲଦଣ୍ଡ

ବାଲେଶ୍ୱର (ପିଏନ୍)- କମର୍ଦ୍ଦା ଥାନା ଅନ୍ତର୍ଗତ ଯୁକ୍ତ ୨ ବିଜ୍ଞାନ ଛାତ୍ରୀଙ୍କ ଅଶ୍ଳୀଳ ଫଟୋ ଉଠାଇ ତାଙ୍କୁ ବ୍ଲାକମେଲ କରିବା ଓ ଫଟୋ ଭାଇରାଲ କରିବାର ଧମକ ଦେଇ ଶାରିରୀକ ସମ୍ପର୍କ ରଖିବାକୁ ବାଧ କରିବା ମାମଲାରେ ବାଲେଶ୍ୱର ଜିଲ୍ଲା ମାନ୍ୟବର ପୋକ୍ସ ଅଦାଲତ ସ୍ୱତନ୍ତ୍ର ବିଚାରପତି ରଞ୍ଜନ କୁମାର ସୁତାର ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିବା ସହ ୫ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ମାନ୍ୟବର ଅଦାଲତ, ୧୩ ଜଣ ସାକ୍ଷୀ ଓ ପୁଲିସ ପକ୍ଷରୁ ଅଦାଲତରେ ଆସୁଥିବା ୩୪ଟି ଦସ୍ତାବିଜ୍ ଓ ପ୍ରାମାଣିକ ତଥ୍ୟକୁ ଆଧାର କରି ମାନ୍ୟବର ବିଚାରପତି ଏଭଳି ଦଣ୍ଡାଦେଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ ୨୦୧୬ ଫେବୃଆରୀ ୯ ତାରିଖରେ ନାବାଳିକା ଛାତ୍ରୀଙ୍କ ବାପା ଏ ସମ୍ପର୍କରେ କମର୍ଦ୍ଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୁକ୍ତ ଉକ୍ତ ଅଞ୍ଚଳର ଉପେନ୍ଦ୍ର ପାଲ ବୋଲି ଜଣାପଡ଼ିଛି।

## ଧର୍ମଶାଳା ବିଜେଡିର ବିଜୟ ଉତ୍ସବ



ଧର୍ମଶାଳା (ପିଏନ୍): ପଦ୍ମପୁର ବିଧାନସଭା ଉପନିର୍ବାଚନରେ ବିଜେଡି ପ୍ରାର୍ଥୀ ବର୍ଷା ସିଂ ବରିହାଙ୍କ ବିପୁଳ ବିଜୟକୁ ନେଇ ଧର୍ମଶାଳା ବିଜେଡି ପକ୍ଷରୁ ବିଜୟ ଉତ୍ସବ ପାଳନ କରାଯାଇଛି। ପଦ୍ମପୁର ଉପନିର୍ବାଚନରେ ବିଜେଡି ପ୍ରାର୍ଥୀ ବର୍ଷା ସିଂ ବରିହା ୪୨ହଜାରରୁ ଉର୍ଦ୍ଧ ଭୋଟ ବ୍ୟବଧାନରେ ବିଜୟୀ ହେବା ପରେ ଧର୍ମଶାଳାରେ ଗତକାଲି ବିଜେଡି ପକ୍ଷରୁ ଶୋଭାଯାତ୍ରା ଓ ଆତସବାଜି କରାଯାଇ ବିଜୟ ଉତ୍ସବ ପାଳନ କରାଯାଇଛି। ବ୍ଲକ ବିଜେଡି ସଭାପତି ଜଳଧର ମହାନ୍ତି, ନିର୍ବାଚନମଣ୍ଡଳି ସଭାପତି ଜଳଧର ସାହୁ, ପୁର୍ବତନ ଜିଲ୍ଲାପରିଷଦ ସଭ୍ୟ ନିରଂଜନ ରାଉତ, ଯୁବ ବିଜେଡି ସଭାପତି କ୍ଷୀତିଶ ନାୟକ, ଛାତ୍ର ବିଜେଡି ସଭାପତି ଜଗଦାନନ୍ଦ ରାଉତ, ଜାରକା ସରପଂଚ ସୁଦାମ ବେହେରା, ଜିଲ୍ଲା ବିଜେଡି ଉପସଭାପତି ସୁବ୍ରତ ଧଳ, ପରିବେଶବିତ୍ ଶ୍ରୀନିବାସ ଜେନା, ଯୁବନେତା ଅକ୍ଷୟ ନାୟକ, ରଶ୍ମୀରଂଜନ ରାୟ, ମନୋଜ ଦାସ, ପ୍ରଫୁଲ୍ଲ ସାହାଣୀ, ହେମନ୍ତ ଜେନା, ପ୍ରତାପ ପ୍ରଧାନ, ଯତିନ୍ଦ୍ର ପ୍ରଧାନ ପ୍ରମୁଖ ଶତାଧିକ ବିଜେଡି କର୍ମୀ ଜିନ୍ଦାବାଦ ନାରାବାଜି କରି ଏକ ଶୋଭାଯାତ୍ରାରେ ଜାରକା ବଜାର ପରିକ୍ରମା କରିବା ସହ ଆତସବାଜି କରି ବିଜୟ ଉତ୍ସବ ପାଳନ କରିଥିଲେ। ଧର୍ମଶାଳାର ବିଜେଡି କର୍ମୀମାନେ ଏହି ବିଜୟ ଉତ୍ସବ ମନାଇଥିବାରୁ ବିଧାୟକ ପ୍ରଣବ ବଳବନ୍ତରାୟ ଓ ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ସନାତନ ଧର୍ମସଭାର ଆୟୋଜନ ନେଇ ସାମ୍ବାଦିକ ସମ୍ମିଳନୀ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅରେଇକଣାଠାରେ ରାଜ୍ୟ ଓ ରାଜ୍ୟ ବାହାର ସାଧୁସନ୍ଥମାନଙ୍କୁ ନେଇ ଏକ ସନାତନଧର୍ମ ମହାସଭା ଅୟୋଜନ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜାରକାସ୍ଥିତ ପ୍ରେସ କ୍ଲବ ପରିସରରେ ଆଜି ଆୟୋଜିତ ଏହି ସମ୍ମିଳନିରେ ସ୍ୱାମୀ ଉଦୟନାଥ ପର୍ବତ ମହାରାଜ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ମାଳିକା ବର୍ଣ୍ଣିତ କେଲୁଅ ନଦୀ ପାର୍ଶ୍ୱ ଗାଙ୍ଗୁଲାଘାଟ ଅରେଇକଣାଠାରେ ଉତ୍କଳର ସାଧୁସନ୍ଥଙ୍କ ମିଳିତ ଭାବେ ଏକ ସନାତନ ଧର୍ମମହାସଭା ଅନୁଷ୍ଠିତ ହେବ, ଦୁଇଦିନ ବ୍ୟାପୀ ଚାଲିବାକୁ ଥିବା ଏହି ମହାସଭା ଡିସେମ୍ବର ୧୧ତାରିଖରେ ସନ୍ଥ ଓ ଗୋପୂଜନ ସହ ସନ୍ଥମାନଙ୍କ ବୈଠକ ଅନୁଷ୍ଠିତ ହୋଇ ନଗରପରିକ୍ରମା କରାଯିବ। ସନ୍ଧ୍ୟା ୬ ଘଟିକାରେ କୃଷକ ପୂଜନ ଓ ଧର୍ମସଭା ଅନୁଷ୍ଠିତ ହେବ। ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନିରେ ସ୍ୱାମୀ ପତଂଜଳି ଜୀ ମହାରାଜ, ସାଧୁ ସୁଦାମ ଚରଣ ଦାସ, ଅରେଇକଣା ସରପଂଚ ସଂଜୟ କୁମାର ଦାସ, ରାଜ୍ୟ ପୂର୍ବାଂଚଳ ସହବିଧି ଗୋପାଳକୃଷ୍ଣ ସାହୁ ପ୍ରମୁଖ ଯୋଗଦେଇ ଏହି ମହାସଭାରେ ୨ଶହରୁ ଉର୍ଦ୍ଧ୍ୱ ସାଧୁସନ୍ଥ ଯୋଗ ଦେବେ ବୋଲି ସୂଚନା ଦେଇଥିଲେ।

## ଟ୍ରକ୍ ପଛରେ ପିଟିହେଲା ବସ୍, ୧୮ ଯାତ୍ରୀ ଆହତ

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ରଥିଆ ଛକ ନିକଟରେ ବୁଧବାର ରାତି ପ୍ରାୟ ୩ଟାରେ ପୂର୍ବରୁ ଅଟକିଥିବା ଦୁଇଟି ଟ୍ରକ୍ ପଛରେ ଏକ ଯାତ୍ରୀବାହୀ ବସ୍ ପିଟିହୋଇ ଯାଇଥିଲା। ଏହି ଦୁର୍ଘଟଣାରେ ବସ୍‌ଚାଳକଙ୍କ ସମେତ ୧୮ ଜଣ ଯାତ୍ରୀ ଆହତ ହୋଇଥିଲେ। ଆହତମାନଙ୍କୁ ଧର୍ମଶାଳା ଓ ବଡ଼ଚଣା ଡାକ୍ତରଖାନାରେ ଚିକିତ୍ସା



କରାଯାଇଛି। ପ୍ରକାଶ ଯେ, ରଥିଆ ଛକ ନିକଟରେ ଦୁଇଟି ମାଲବାହୀ ଟ୍ରକ୍ ଠିଆ ହୋଇଥିଲା। ବିଳମ୍ବିତ ରାତିରେ ରାଂଚିରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଓଡ଼ି୧୧ଇ-୯୨୯୧ ଏକ୍ସପ୍ରେସ୍ ବସ୍ ଭାରସାମ୍ୟ ହରାଇ ଓଡ଼ି୦୯ପି-୦୧୫୯ ଟ୍ରକ୍ ପଛରେ ପିଟି ହୋଇ ଯାଇଥିଲା। ଦୁର୍ଘଟଣା ଏତେ ଜୋର୍ ଥିଲା, ଏହି ଟ୍ରକ୍‌ଟି ତା’ ଆଗରେ ଥିବା ଓଡ଼ି୦୧ଏଫ୍-୯୦୪୦ ଟ୍ରକ୍‌କୁ ଧକ୍କା ଦେଇଥିଲା। ଏଥିରେ ୧୮ ଜଣ ଯାତ୍ରୀ ଆହତ ହୋଇଥିଲେ। ଖବର ପାଇ ଚଣ୍ଡିଖୋଲ ଦମକଳ ବାହିନୀ ଓ ୧୦୮ ଆମ୍ବୁଲାନ୍‌ସ ପହଁଚି ଆହତମାନଙ୍କୁ ନେଇ ଧର୍ମଶାଳା ଓ ବଡ଼ଚଣା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଆହତମାନଙ୍କ ମଧ୍ୟରୁ ୩ଜଣ ଗୁରୁତରଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ବସ୍‌ରେ ୫୦ରୁ ଅଧିକ ଯାତ୍ରୀ ଥିଲେ। ସମ୍ଭବତଃ ଚାଳକଙ୍କୁ ନିଦ ହୋଇଯିବାରୁ ବସ୍‌ଟି ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱରେ ଅଟକିଥିବା ଟ୍ରକ୍ ପଛରେ ପିଟି ହୋଇଯାଇଛି। ପୁଲିସ୍ ଦୁର୍ଘଟଣା-ଗ୍ରସ୍ତ ଗାଡ଼ିଗୁଡ଼ିକୁ ଜବତ କରି ଘଟଣାର ତଦନ୍ତ କରୁଛନ୍ତି।

## ଜଳେଶ୍ୱରରେ ୨୫ ହଜାର ଲିଟର ଚୋରା ମଦ ଜବତ

ଭୁବନେଶ୍ୱର (ପିଏନ୍)-ଜଳେଶ୍ୱରର କୁଷଗଡ଼ ଅଂଚଳରୁ ୨୫ ହଜାର ଲିଟରୁ ଅଧିକ ଚୋରା ଦେଶୀ ମଦ, ବିପୁଳ ପରିମାଣରେ ପୋଚ, ମଦ ତିଆରି ସରାମକୁ ଅବକାରୀ ବିଭାଗ ଜବତ କରିବା ଓଡ଼ିଶାବାସୀଙ୍କୁ ଆଶ୍ଚର୍ଯ୍ୟ କରିଛି। ରାଜ୍ୟର ଅବକାରୀ ମନ୍ତ୍ରୀଙ୍କର ଏହା ହେଉଛି ନିଜ ଅଂଚଳ। ଏଠାରେ ଏତେ ପରିମାଣରେ ମଦ ତିଆରି କାରଖାନା ଚାଲୁ ରହିବା ସମସ୍ତଙ୍କୁ ଚକିତ କରିଛି। ନିଜ ଅଂଚଳରେ ଯଦି ଏମିତି ମଦର ବନ୍ୟା ଦେଖାଦିଏ, ତେବେ ରାଜ୍ୟକୁ ମଦ ରାକ୍ଷସ କବଳରୁ ଅବକାରୀ ମନ୍ତ୍ରୀ କିଭଳି ସୁରକ୍ଷା ଦେବେ ବୋଲି କଂଗ୍ରେସ ପକ୍ଷରୁ ରାଜ୍ୟ ପ୍ରବକ୍ତା ଶ୍ରୀ ସୁଦର୍ଶନ ଦାସ ଏକ ପ୍ରେସ ବିବୃତି ଜରିଆରେ କଟାକ୍ଷ କରିଛନ୍ତି। ଜଳେଶ୍ୱର ହେଉଛି ରାଜ୍ୟର ଅବକାରୀ ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ପାତ୍ରଙ୍କର ନିଜ ନିର୍ବାଚନ ମଣ୍ଡଳୀ। ଜଳେଶ୍ୱରରେ ବେଆଇନ ମଦ କାରବାର ଖୋଲମ୍ ଖୋଲା ଚାଲିଛି। ଏଥିରେ ଶାସକ ଦଳର ନେତା ଓ କର୍ମୀମାନେ ସଂପୃକ୍ତ ଅଛନ୍ତି। ପୂର୍ବରୁ ବିଧାୟକ ଓ ବର୍ତ୍ତମାନ ମନ୍ତ୍ରୀ ହୋଇଥିବା ଶ୍ରୀ ପାତ୍ରଙ୍କ ଜ୍ଞାତସାରରେ ଏହି କାରବାର ଚାଲୁ ଥିବାରୁ ଲୋକେ ଯେତେ ଅଭିଯୋଗ କଲେ ମଧ୍ୟ ଅବକାରୀ ବିଭାଗ ଓ ପ୍ରଶାସନ ଶୁଣନ୍ତି ନାହିଁ। କୁଷଗଡ଼ରେ ଯେଉଁ ଚୋରା ମଦ ତିଆରି କାରଖାନା ଠାବ ହୋଇଛି ତାହା ଦୀର୍ଘ ଦିନ ଧରି ସେଠାରେ ଚାଲି ଆସୁଥିଲା। ଶାସକ ଦଳର ସ୍ଥାନୀୟ ନେତାଙ୍କ ଏଥିରେ ସଂପୃକ୍ତି ରହିଛି। ସେଥିପାଇଁ ବାରମ୍ବାର ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳୁ ନଥିଲା। ଲୋକଙ୍କ ଚାପ ଫଳରେ ଅବକାରୀ ବିଭାଗ ସେହି ଅଂଚଳରେ ବିପୁଳ ପରିମାଣରେ ମଦ ସହିତ ମଦ ତିଆରି ସରଂଜାମ ଜବତ କରିଛି। ମାତ୍ର ଏଥିରେ ସଂପୃକ୍ତ ସରକାରୀ ଦଳର ଲୋକ ଓ ନେତାଙ୍କୁ ଅବକାରୀ ବିଭାଗ ଗିରଫ କରିବ ତ ବୋଲି ଶ୍ରୀ ଦାସ ପ୍ରଶ୍ନ କରିଛନ୍ତି। ପୁନଶ୍ଚ ମନ୍ତ୍ରୀ ନିଜର ନିରପେକ୍ଷତା ଓ ସାଧୁତାର ପ୍ରମାଣ ଦେଇ ସେମାନଙ୍କୁ ଗିରଫ କରାଇପାରିବେ କି ବୋଲି ମଧ୍ୟ ସେ ଆହ୍ୱାନ ଦେଇଛନ୍ତି। ପ୍ରକାଶ ଥାଉକି ଶ୍ରୀ ପାତ୍ର ମନ୍ତ୍ରୀ ହେବା ପରଠୁ ଜଳେଶ୍ୱର, ବାଲେଶ୍ୱର ସହର ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ ବ୍ରାଉନ ସୁଗାର, ମଦ ତଥା ଅନ୍ୟାନ୍ୟ ନିଶା ସାମଗ୍ରୀ ବିପୁଳ ଭାବରେ ପ୍ରସାର ହେଉଛି। ଯେତିକି ଧରା ପଡୁଛି ତାହା କେବଳ ହାତୀର ଦେଖାଇବା ଦାନ୍ତ। ବାସ୍ତବରେ ନିଶା କାରବାରରେ ଜଳେଶ୍ୱର ଓ ବାଲେଶ୍ୱର ଜିଲ୍ଲା ଏହି ସମୟ ଭିତରେ ଅଖ୍ୟାତି ଅର୍ଜନ କରି ଚାଲିଛି। ଏଥିପାଇଁ ମନ୍ତ୍ରୀ ଲଜ୍ଜିତ ଅନୁଭବ କରିବା ସହିତ ରାଜ୍ୟବାସୀଙ୍କୁ କ୍ଷମା ମାଗିବେକି ବୋଲି ଶ୍ରୀ ଦାସ କଟାକ୍ଷ କରିଛନ୍ତି।

## କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ଜୟନ୍ତୀ ପାଳିତ



ଭୁବନେଶ୍ୱର (ପିଏନ୍): ଓଡିଶା ରାଜ୍ୟ ସଙ୍ଗୀତ ‘ବନ୍ଦେ ଉତ୍କଳ ଜନନୀ’ର ରଚୟିତା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୟନ୍ତୀ ଅବସରରେ ଗତକାଲି ସକାଳ ୯ ଟା ସମୟରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ଉତ୍କଳ ସମ୍ମିଳନୀ ପକ୍ଷରୁ ମାଲ୍ୟାର୍ପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରିଥିବା ବେଳେ ସମ୍ମିଳନୀର ଉପ-ସଭାପତି ଡ. ସୁରେନ୍ଦ୍ରମୋହନ ମିଶ୍ର ଓ ଶାଖା ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି ବରପୁତ୍ରଙ୍କ ଗୁଣଗାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି, ଯୁଗ୍ମ-ସଂପାଦକ ସିଧାର୍ଥ ଶଙ୍କର ଗଡନାୟକ, ବାସନ୍ତି ତ୍ରିପାଠୀ, ସୁବ୍ରତ ମହାପାତ୍ର, ଅକ୍ଷୟ କୁମାର ଜେଠୀ, ଦିପ୍ତିମୟୀ ନାୟକ, ଶରତ ଚନ୍ଦ୍ର ସାହୁ ଓ ରାମଚନ୍ଦ୍ର ସାମଲ ପ୍ରମୁଖ ଉପସ୍ଥିତ ରହି ବରପୁତ୍ରଙ୍କୁ ଶ୍ରଦ୍ଧାଂଜଳି ଜଣାଇଥିଲେ।




# ଓଡ଼ିଆ ଭାଷା ସାହିତ୍ୟ ସମ୍ମିଳନୀ



ଧର୍ମଶାଳା, (ପିଏନ୍): ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଅନ୍ତର୍ଗତ ଓଡ଼ିଆ ଭାଷା ସାହିତ୍ୟ ସମ୍ମିଳନୀ ଧର୍ମଶାଳା ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମକୁ କଲେଜ୍ ଅଧ୍ୟକ୍ଷ ଜୟନ୍ତ କୁମାର ସହୁ ଉଦ୍‌ଘାଟନ କରିବା ସହିତ ସଭାରେ ସଭାପତିତ୍ୱ କରିଥିଲେ । ଆଲୋଚକ ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ମନୋରଂଜନ ମହାନ୍ତି ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପଣ୍ଡିତ କାମଦେବ ଶତପଥୀ ଯୋଗଦେଇ ଶ୍ରୀ ଜଗନ୍ନାଥଙ୍କ ସଂସ୍କୃତି ଓ ପରମ୍ପରା ସଂପର୍କରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇଥିଲେ । +୩ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଡ. ଅଭିନ୍ନ ଚନ୍ଦ୍ର ଦାଶ, ପ୍ରାଧ୍ୟାପକ ଅରବିନ୍ଦ କୁମାର ମହାନ୍ତି ଓ ଅଧ୍ୟାପକ ଡ. ବସନ୍ତ କୁମାର ତ୍ରିପାଠୀ ଓଡ଼ିଆ ଭାଷା ସାହିତ୍ୟ ସଂପର୍କରେ ଆଲୋଚନା କରିଥିଲେ । +୨ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଡ. ଆଶିଷ କୁମାର ଦାଶ ଧନ୍ୟବାଦ ଦେଇଥିଲେ ।

# ପୁରୀ ପାଇଁ ଐତିହାସିକ ଦିନ :ମୁଖ୍ୟମନ୍ତ୍ରୀ

ପୁରୀ/ ନୂଆଦିଲ୍ଲୀ/ଭୁବନେଶ୍ୱର, (ପି.ଏନ): ପୁରୀରେ ଶ୍ରୀଜଗନ୍ନାଥ ମେଡ଼ିକାଲ କଲେଜ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି । ଲୋକାର୍ପଣ ସମାରୋହରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ ଭର୍ଚୁଆଲ ମାଧ୍ୟମରେ ଯୋଡ଼ି ହୋଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହା ପୁରୀ ପାଇଁ ଐତିହାସିକ ଦିନ । ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପ୍ରଚେଷ୍ଟାରେ ପୁରୀବାସୀଙ୍କ ସେବା କରିବାରେ ଏହି ଶିକ୍ଷାନୁଷ୍ଠାନ ନାଁ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଥିଲେ । ଅପରପକ୍ଷରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ମାଣ୍ଡଭୀୟ ଓଡ଼ିଶାବାସୀଙ୍କୁ ସୁଲଭ ମୂଲ୍ୟରେ ସ୍ୱାସ୍ଥ୍ୟସେବା ଉପଲବ୍ଧ କରିବା ପାଇଁ ଆୟୁଷ୍ମାନ ଯୋଜନା ଲାଗୁ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଛନ୍ତି । ଏହି ଯୋଜନା ଲାଗୁ ହେବା ଦ୍ୱାରା ଓଡ଼ିଆ ଲୋକମାନେ ଲାଭ ପାଇବେ ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥା ଭଲ ରହିବ ବୋଲି ସେ କହିଛନ୍ତି । କାର୍ଯ୍ୟକ୍ରମ ପରେ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ କହିଥିଲେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କ୍ଷେତ୍ରରେ ଏକ ଉନ୍ନତମାନର ମେଡିକାଲ କଲେଜ ପ୍ରତିଷ୍ଠା ହୋଇଛି । ଏହାଦ୍ୱାରା ମେଧାବୀ ଛାତ୍ରଛାତ୍ରୀମାନେ ମେଡିକାଲ ପାଠ ପଢିବା ସହିତ ପୁରୀ ଜିଲ୍ଲାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ନୂଆ ଯୁଗ ଆରମ୍ଭ ହେଲା ।କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କ ସହିତ ଆଲୋଚନା କରି ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ଭବିଷ୍ୟତରେ ଭଲ ଡାକ୍ତର ହୋଇ ନିଷ୍ଠାପର ଭାବେ ଉତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସେମାନଙ୍କୁ ପରାମର୍ଶ ଦେଇଥିଲେ । ଶିକ୍ଷକ ଓ ଛାତ୍ରଛାତ୍ରୀ ମାନଙ୍କ ଉଦ୍ୟମରେ ଏହି କଲେଜ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିଜର ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ । ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ପୁରୀର ଶ୍ରୀ ସମ୍ବିତ ନାୟକ, ରାଜସ୍ଥାନର ପ୍ରଗତୀ ମୀନା ଓ ଓଡିଶାର ଶ୍ରୀ ସିଦ୍ଧାର୍ଥ ସାହୁ ପ୍ରମୁଖ ଛାତ୍ରଛାତ୍ରୀ ଏହି ଆଲୋଚନାରେ ଭାଗ ନେଇ ପୁରୀରେ ପଢିବାର ସୁଯୋଗ ପାଇଥିବାରୁ ଖୁସି ପ୍ରକାଶ କରି ଭବିଷ୍ୟତରେ ଚିକିତ୍ସା ସେବା କ୍ଷେତ୍ରରେ ପ୍ରତିଶୃତିବଦ୍ଧ ହୋଇ କାମ କରିବେ ବୋଲି କହିଥିଲେ । ପିଲାମାନେ କଲେଜର ଭିତିଭୂମିର ଉଚ୍ଚପ୍ରଶଂସା କରିଥିଲେ ।ଛାତ୍ରଛାତ୍ରୀଙ୍କ ସହ ମତ ବିନିମୟ କରିବା ଅବସରରେ ଶ୍ରୀ ମାଣ୍ଡଭୀୟ ଓଡ଼ିଶାରେ ସ୍ୱାସ୍ଥ୍ୟସେବା ସୁଲଭ ଓ ସର୍ବବ୍ୟାପୀ କରିବା ପାଇଁ ମେଡ଼ିକାଲ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି ଯେ ପୁରୀ ଜଗନ୍ନାଥ ମନ୍ଦିର ଯାଇ ଦର୍ଶନ କରିବା ଓ ମହାପ୍ରସାଦ ସେବନ କରିବା ଆମ ପାଇଁ ଗର୍ବର ବିଷୟ । ସେହି ପବିତ୍ର ଧାମରେ ରହି ମେଡ଼ିକାଲ ଶିକ୍ଷା ଲାଭ କରିବା ଛାତ୍ରଛାତ୍ରୀଙ୍କ ପାଇଁ ଗର୍ବର ବିଷୟ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱପ୍ନ ରହିଛି ସ୍ୱାସ୍ଥ୍ୟସେବା ସୁଲଭ ଏବଂ ସର୍ବବ୍ୟାପୀ ହେବା ଦରକାର । ଏଥିପାଇଁ ଏକ ଡ଼ାକ୍ତର ରୂପରେ ଛାତ୍ରଛାତ୍ରୀଙ୍କୁ ଦୂର, ସୁଦୂର, ଗାଁ ଯେଉଁଠି ବି ଦାୟିତ୍ୱ ମିଳୁଛି, ସେମାନେ ଗରିବଙ୍କ ସେବା କରିବା ପାଇଁ ନିଜକୁ ଉତ୍ସର୍ଗ କରିବା ସହ ଦେଶର ସ୍ୱାସ୍ଥ୍ୟ କ୍ଷେତ୍ରରେ ଯୋଗଦାନ ରଖନ୍ତୁ । ମୋଦି ସରକାର ଓ ରାଜ୍ୟ ସରକାର ମିଳିତ ଭାବରେ ରାଜ୍ୟରେ ଅନେକ ମେଡ଼ିକାଲ କଲେଜ ଆରମ୍ଭ କରିଛନ୍ତି ଏବଂ ଆଗାମୀ ଦିନରେ ଅନେକ ମେଡ଼ିକାଲ କଲେଜ କାର୍ଯ୍ୟକ୍ଷମ ହେବାକୁ ଯାଉଛି । ଓଡ଼ିଶା ସମେତ ଦେଶର ଛାତ୍ରଛାତ୍ରୀମାନେ ଗୁଣାତ୍ମକ ଶିକ୍ଷା ନେଇ ଉତମ ଡ଼ାକ୍ତର ହୁଅନ୍ତୁ ଏବଂ ସରକାରୀ ବ୍ୟବସ୍ଥାକୁ ଉପଯୋଗ କରି ରାଜ୍ୟ ଓ ରାଷ୍ଟ୍ର ନିର୍ମାଣରେ ନିଜର ଯୋଗଦାନ ରଖନ୍ତୁ ।ସୁନ୍ଦରଗଡ଼ରେ ଏନଟିପିସି ତରଫରୁ ହସ୍ପିଟାଲ ହୋଇଛି । ତାଳଚେରରେ କୋଲ ଇଣ୍ଡିଆ ୧ ହଜାର କୋଟି ଟଙ୍କା ଖର୍ଚ୍ଚ କରି ମେଡ଼ିକାଲ କଲେଜ ନିର୍ମାଣ କରିଛି । ମୋଦି ସରକାରଙ୍କ ସମୟରେ ଓଡ଼ିଶାରେ ସ୍ୱାସ୍ଥ୍ୟ ସୁବିଧା, ମେଡ଼ିକାଲ କଲେଜ ଓ ସିଟ୍ ସଂଖ୍ୟା ବୃଦ୍ଧି ପାଉଛି । ଏହାର ଲାଭ ଓଡ଼ିଶାକୁ ମିଳିବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ କହିଛନ୍ତି ।

ଏହି ଉତ୍ସବରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ,ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା , ପୁରୀ ସାଂସଦ ପିନାକୀ ମିଶ୍ର,ଫାଇଭ - ଟି ସଚିବ ଭି.କେ ପାଣ୍ଡିଆନ , ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି, ରାଜ୍ୟ ଯୋଜନା ବୋର୍ଡ଼ ଉପାଧକ୍ଷ ସଞ୍ଜୟ କୁମାର ଦାସବର୍ମା, ଓ ଜିଲ୍ଲାର ସମସ୍ତ ବିଧାୟକ ପ୍ରମୁଖ ଯୋଗ ଦେଇଥିଲେ । ଏହି କଲେଜରେ ଛାତ୍ରଛାତ୍ରୀ ମାନଙ୍କ ପାଇଁ ୧୦୦ଟି ଏମବିବିଏସ ଆସନ ରହିଛି । ଏହାଦ୍ୱାରା ବର୍ତ୍ତମାନ ସାରା ରାଜ୍ୟରେ ୮ଟି ସରକାରୀ ମେଡିକାଲ କଲେଜର ସମୁଦାୟ ଏମବିବିଏସ ଆସନ ସଂଖ୍ୟା ୧୨୫୦କୁ ବୃଦ୍ଧି ପାଇଛି । ମେଡିକାଲ କଲେଜ ସହିତ ୬୫୦ ଆସନ ବିଶିଷ୍ଟ ଏକ ସାତ ମହଲା ବିଶିଷ୍ଟ ଶିକ୍ଷା ହସ୍‌ପିଟାଲ ନିର୍ମାଣ ପାଇଁ ମଧ୍ୟ କାମ ଚାଲିଛି । ଏହି ଶିକ୍ଷା ହସ୍‌ପିଟାଲ ଜୁଲାଇ ୨୦୨୩ ସୁଦ୍ଧା ଏହା ସଂପୂର୍ଣ୍ଣ ହେବ ବୋଲି ଜଣାଯାଇଛି । ବର୍ତମାନ ଏହି କଲେଜ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଶିକ୍ଷା ହସ୍‌ପିଟାଲ ଭାବେ କାର୍ଯ୍ୟ କରୁଛି । ପୁରୀକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସୁଥିବାରୁ ଏହି ମେଡିକାଲ କଲେଜ ଓ ହସ୍‌ପିଟାଲ ଜିଲ୍ଲାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।

# ଦେଶରେ ମହିଳା ସଶକ୍ତିକରଣ ପାଇଁ ପ୍ରଧାନମନ୍ତ୍ରୀ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି: ସମୀର ମହାନ୍ତି

ଭୁବନେଶ୍ୱର,(ପି.ଏନ): ମହାନ କ୍ରାନ୍ତିକାରୀ, ସମାଜ ସୁଧାରକ ଜ୍ୟୋତିବା ଫୁଲେଙ୍କ ଜନ୍ମଜୟନ୍ତୀ ଅବସରରେ ସିନର୍ଜି ଇଷ୍ଟିଚ୍ୟୁଟ ଅଫ ଟେକନୋଲୋଜିଠାରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କୁ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି ଭେଟି ଜ୍ୟୋତିବା ଫୁଲେଙ୍କ ଦେଶପ୍ରତି ଅବଦାନ ବିଷୟରେ ଅବଗତ କରାଇଥିଲେ । ଯେତେବେଳେ ଦେଶରେ ନାରୀ ଶିକ୍ଷା ପ୍ରତି ଆଦୌ ଧ୍ୟାନ ଦିଆଯାଉନଥିଲା ସେତେବେଳେ ଜ୍ୟୋତିବା ଫୁଲେ ମହିଳାମାନଙ୍କ ଶିକ୍ଷାକୁ ପ୍ରାଧାନ୍ୟ ଦେଇ ପ୍ରତିକୂଳ ପରିସ୍ଥିତିରେ କାର୍ଯ୍ୟ କରୁଥିଲେ । ଜ୍ୟୋତିବା ଫୁଲେ ତାଙ୍କ ପତ୍ନୀ ସାବିତ୍ରୀବାଇ ଫୁଲେଙ୍କ ସହିତ ମିଶି ପୁନେଠାରେ ମହିଳାମାନଙ୍କ ଶିକ୍ଷା କ୍ଷେତ୍ରରେ ଅଗ୍ରଗତି ନିମନ୍ତେ ବାଳିକା ବିଦ୍ୟାଳୟ ସ୍ଥାପନ କରି ନାରୀ ଶିକ୍ଷା ଶିକ୍ଷାଦ୍ୱାରା ସମାଜର ଅଗ୍ରଗତି ସମ୍ଭବ ବୋଲି ବାର୍ତ୍ତା ଦେଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜ୍ୟୋତିବା ଫୁଲେଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମହିଳାଙ୍କ ପ୍ରତି ବିଭିନ୍ନ ଯୋଜନା ମଧ୍ୟ କରିଛନ୍ତି । ମହିଳାମାନଙ୍କ ପାଇଁ ଶୌଚାଳୟ, ଉଜ୍ୱଳା, ବେଟି ବଚାଓ ବେଟି ପଢ଼ାଓ, ସୁକନ୍ୟା ସମୃଦ୍ଧି ଯୋଜନା, ପୋଷଣ ଅଭିଯାନ ଭଳି ଯୁଗାନ୍ତକାରୀ ପଦକ୍ଷେପମାନ ନେଇ ମହିଳାଙ୍କୁ ସମ୍ମାନ, ସ୍ୱାଭିମାନ ଓ ସଶକ୍ତ କରିବାକୁ ତାଙ୍କ ସରକାରରେ ଅନେକ ଯୋଜନା କରିଥିବାରୁ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଧନ୍ୟବାଦ ଜ୍ଞାପନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ବିନୋଦ ଦାଶ, ଇଷ୍ଟିଚ୍ୟୁ ନିର୍ଦ୍ଦେଶକ ଚନ୍ଦ୍ରସେନ ଜଗତଦେଓ, ରାଜ୍ୟ ପ୍ରବକ୍ତା ଠାକୁର ରଞ୍ଜିତ ଦାସ, ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପାଧକ୍ଷ ଅର୍ପିତା ବଡ଼ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ଜମୁଛି ଦୁର୍ଗାଦେବୀ ମକର ମେଳା ମହୋତ୍ସବ

ବାଲେଶ୍ୱର : ମକର ମେଳା ପାଇଁ ଚ଼ଳଚ଼ଞ୍ଚଳ ହୋଇ ଜମୁଛି ରେମୁଣାର ସୀମାନ୍ତ ଦୁର୍ଗାଦେବୀ ମକର ମେଳା ମହୋତ୍ସବ । ୭ ଦିନ ବ୍ୟାପୀ ହେବାକୁ ଥିବା ମକର ମେଳା ୧୫ ତାରିଖରେ ସ୍ଥାନୀୟ ହାଟ ପଡ଼ିଆରେ ଉଦଘାଟିତ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜର ମହାରାଜ ପ୍ରବୀଣ କୁମାର ଭଞ୍ଜଦେଓ ଓ ଅନ୍ୟତମ ଅତିଥି ହୋଇଥିଲେ ମହାରାଣୀ ରଶ୍ମୀ ରାଜଲକ୍ଷ୍ମୀ ଭଞ୍ଜଦେଓ । ମୁଖ୍ୟବକ୍ତା ଭାବେ ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ସମ୍ମାନିତ ଅତିଥି ପୂର୍ବତନ ବିଧାୟକ ଗୋବିନ୍ଦ ଚ଼ନ୍ଦ୍ର ଦାସ, ସରପଞ୍ଚ ଚୈତନ୍ୟ ପ୍ରସାଦ ମାଝୀ, ସମିତି ସଭ୍ୟା ଭାନୁପ୍ରିୟା ମାଝୀ ଆଦି ଯୋଗଦେଇ ଦୁର୍ଗାଦେବୀ ମକର ମେଳା ମହୋତ୍ସବକୁ ଅନନ୍ୟ ପାରମ୍ପାରିକ ଗ୍ରାମୀଣ ମେଳା ବୋଲି କହିଥିଲେ । ହାଟ କମିଟି ସଭାପତି ଅମୀୟ ଦାସଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ସମ୍ପାଦକ ମନୋରଞ୍ଜନ



ବାରିକ ବିବରଣୀ ପାଠ କରିଥିଲେ । ମଙ୍ଗଳବାର ଦ୍ୱିତୀୟ ସନ୍ଧ୍ୟା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁଶାନ୍ତ ପଟ୍ଟନାୟକ,ମୁଖ୍ୟ ବକ୍ତା ପ୍ରଦୀପ ଜେନା, ବରିଷ୍ଠ ସଦସ୍ୟ ଅତୈ ଦାସ, ପ୍ରଭାତ ବିବେଦୀ ଆଦି ଯୋଗଦେଇଥିଲେ । ଉମେଶ ମଣ୍ଡଳ ଧନ୍ୟବାଦ ଦେଇଥିଲେ । ଜ୍ଞାନ ହୋତା, ବିଭୂ ମିଶ୍ର, ପ୍ରିୟବ୍ରତ ପଣ୍ଡା ପ୍ରମୁଖ ଯୋଗଦେଇ ଲୋକଙ୍କ ମନୋରଞ୍ଜନ କରିଥିଲେ । ସ୍ଥାନୀୟ କୁନି କଳାକାରଙ୍କ ନାଚ଼ ଗୀତରେ ଲୋକେ ବେଶ ମଜ୍ଜି ଯାଉଛନ୍ତି । ଚ଼ଟପଟି ଖାଦ୍ୟର ମଜା ନେଇ ବିଭିନ୍ନ ଘରକରଣା ଜିନିଷ କିଣାକିଣି କରୁଛନ୍ତି ଲୋକେ ।

# ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର (ପି.ଏନ): ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସୀର ନୱାଜଙ୍କ ସଭାପତିତ୍ୱରେ ପତାକା ଉତୋଳନ କାର୍ଯ୍ୟକ୍ରମ ହୋଇଥିଲା । ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପତାକା ଉତୋଳନ କରିଥିଲେ । ଏହି ପରିପ୍ରେକ୍ଷୀରେ ଶ୍ରୀ ନୱାଜ କହିଥିଲେ ଯେ ପୂର୍ବତନ ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏନ.ଏସ.ୟୁ.ଆଇ. ୧୯୭୧ ମସିହାରେ ପ୍ରତିଷ୍ଠା କରିଥିଲେ । ଛାତ୍ର କଂଗ୍ରେସର ଲକ୍ଷ୍ୟ ଛାତ୍ର ସମାଜକୁ ସଶକ୍ତ କରିବା । ଦାୟୀତ୍ୱବାନ ନାଗରିକ ଓ ନେତା ମଧ ସୃଷ୍ଟି କରିବା ଛାତ୍ର କଂଗ୍ରେସର କାର୍ଯ୍ୟର ଅଂଶ ବିଶେଷ ମାତ୍ର ସେମାନଙ୍କର ଗଣତାନ୍ତ୍ରୀକ, ଧର୍ମ ନିରପେକ୍ଷତା, ସମାନତା ଏବଂ ସୁଗୁଣ ରହିଥିବା ଦରକାର । ଶ୍ରୀ ନୱାଜ କହିଲେ ଓଡ଼ିଶାର ଛାତ୍ର କଂଗ୍ରେସ ଉଭୟ ନବୀନ ସରକାର ଓ ମୋଦୀ ସରକାରର ଭ୍ରଷ୍ଟାଚାର ବିରୋଧରେ ସଂଗ୍ରାମ କରୁଛି । ଚାକିରୀ ବିକିରୀର ପ୍ରତିବାଦ କରିଛି । ନାରୀ ନିର୍ଯ୍ୟାତନା ଓ ହତ୍ୟା, ଦରଦାମ ବୃଦ୍ଧି ପ୍ରସଙ୍ଗରେ ଉଭୟ ସରକାରକୁ ଜୋରଦାର ଘେରିଛି । ଆଜିର ଏହି କାର୍ଯ୍ୟକ୍ରମରେ ଲିଙ୍ଗରାଜ ସାହୁ, ମିହିର ଆଚାର୍ଯ୍ୟ, ରଞ୍ଜିତ ପାତ୍ର, ନିହାର ରଂଜନ ବେହେରା, ନଳିନୀକାନ୍ତ ନାୟକ, କାର୍ତିକେଶ୍ୱର କାଣ୍ଡି, ଅଖିଳେଷ ଯାଦବ, ବିଶ୍ୱଭୂଷଣ ମହାପାତ୍ର, ଏମଡି ସମ୍ସୁଇଲ, ଭାଗ୍ୟଶ୍ରୀ ମହାନ୍ତି, ଜଗଦିଶ ଗଜେନ୍ଦ୍ର, ଅହମ୍ମଦ ଖାନ, ଏସ୍‌କେ ସାହାରୁଖ, ନିତେଶ ରଂଜନ ବେହେରା, ନିୟାଜୁଲ ଇସ୍‌ଲାମ, ଉଦିତ ପ୍ରଧାନ, ଜିତେନ୍ଦ୍ର ମଲ୍ଲିକ, ସନ୍ତୋଷ କୁମାର ଭୋଳ, କୁମାର ସୌରଭ, ତୋଫାନ ସେଠୀ, ଅରସଦ ଅନସାରୀ, ମିର ରିୟାଜୁଦିନ, ଆରିୟାନ ଦାସ, ଆଶିଷ ଦାସ, ଶୁଭକାନ୍ତ ବେହେରା, ରୋସନ କୁମାର କିରଣ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ଚୋରି ସିମେଂଟ ବୋଝେଇ ଟ୍ରକ୍ ଉଦ୍ଧାର

ଧର୍ମଶାଳା, (ପିଏନ୍): ଧର୍ମଶାଳା ଥାନା ହରିଦାସପୁର ସ୍ଥିତ ରାମକୋ ସିମେଂଟ କାରଖାନା ସମ୍ମୁଖରୁ ଚୋରୀ ହୋଇଥିବା ଟ୍ରକ କୁ ପୁଲିସ ଆଜି ଉଦ୍ଧାର କରିଛି । ସୂଚନା ମୁତାବକ ହରିଦାସପୁର ପଂଚାୟତ ବାଲିଗରି ଗ୍ରାମର ବିଦୁର ଭଦ୍ରଙ୍କ ଓଆର ୦୪ ଏଲ-୯୩୬୭ ନମ୍ବର ଟ୍ରକ ଗତ ୧୬ ତାରିଖ ରାତିରେ ରାମକୋ କମ୍ପାନୀ ରୁ ସିମେଂଟ ବୋଝେଇ କରି ଡ୍ରାଇଭର କାହ୍ନା ଗୋଛି ଗେଟ ବାହାରେ ରଖି ନିଜର ଭଡା ଘରକୁ ବିଶ୍ରମ ପାଇଁ ପଳାଇଯାଇଥିଲା । ଡ୍ରାଇଭର ସିମେଂଟ ବୋଝେଇ ଟ୍ରକକୁ ସକାଳୁ କେନ୍ଦୁଝାର ନେଇ ଯିବାର ଥିଲା ହେଲେ ସକାଳେ ସେଠାରେ ଟ୍ରକ ନଥିବା ଜଣାପଡିଥିଲା । ସିମେଂଟ ବୋଝେଇ ଏହି ଟ୍ରକକୁ ମାଲିକ ଓ ଡ୍ରାଇଭର ବହୁ ଖୋଜାଖୋଜି ପରେ ନପାଇବାରୁ ମାଲିକ ଏସମ୍ପର୍କରେ ଧର୍ମଶାଳା ଥାନାରେ ଅଭିଯୋଗ କରିଥିଲେ । ଏନେଇ ଧର୍ମଶାଳା ପୁଲିସ ୬୦/୨୪ ରେ ଏକ କେଶ ରୁଜୁ କରି ତଦ' ଚଳାଇଥିଲା ବେଳେ ଆଜି ଅପରାହ୍ନରେ ଚୋରୀ ଟ୍ରକଟି ଚଣ୍ଡିଖୋଲ ବାଜାର ନିକଟରେ ଛିଡା ହୋଇଥିବା ଖବର ପାଇ ପୁଲିସ ଉଦ୍ଧାର କରିଥିଲା । ଚୋରୀ ଟ୍ରକରେ ବୋଝେଇ ହୋଇଥିବା ସିମେଂଟ ବସ୍ତା ଗୁଡିକ ସୁରକ୍ଷିତ ରହିଥିବା ବେଳେ ଦୁର୍ବୃତ ଟ୍ରକର ଟାଙ୍କିରୁ ସମସ୍ତ ଡିଜେଲ ଚୋରୀ କରିନେଇଥିବା ଜଣାପଡିଛି । ଏହି ଚୋରୀରେ ସମ୍ପୃକ୍ତ ଦୁର୍ବୃତଙ୍କୁ ଧରିବା ପାଇଁ ପୁଲିସ ଚୋରକୁ ଧରିବା ପାଇଁ ଉଦ୍ୟମ ଚଳାଇଛି ବୋଲି ଥାନା ଅଧିକାରୀ ତପନ କୁମାର ନାୟକ ସୂଚନା ଦେଇଛନ୍ତି ।

# ଡିଏସ୍‌ପି ଏମଏଫଂ ଉନ୍ମୋଚନ କଲା 'ଭିଜନ'

ଭୁବନେଶ୍ୱର (ପିଏନ): ବ୍ୟବସାୟର ଭବିଷ୍ୟତ ସମ୍ପର୍କରେ ଦୂରଦୃଷ୍ଟି ପୋଷଣ କରିବାକୁ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ୍ 'ଭିଜନ ' ଶୀର୍ଷକରେ ଏକ ଆକଳନ ବିଚାରଧାରାକୁ ଉପସ୍ଥାପନ କରୁଛି । ଡାକ୍ତରୀ ଶାସ୍ତ୍ରରେ ଦୃଷ୍ଟିଶକ୍ତିର ତୀକ୍ଷଣ ଅବସ୍ଥା ସମ୍ପର୍କରେ ସୂଚିତ କରୁଛି । ଡିଏସ୍‌ପି ଏମଏଫ ନିବେଶକ ଅଥବା ସମ୍ଭାବ୍ୟ ନିବେଶକ ବ୍ୟବସାୟ ସଂସ୍ଥାଗୁଡିକର ଭବିଷ୍ୟତ ସମ୍ପର୍କରେ ଆକଳନ କରିବା ସମୟରେ ତାହାକୁ ଉଚ୍ଚ ଦୃଶ୍ୟମାନ, ମଧ୍ୟମ ଦୃଶ୍ୟମାନ ଏବଂ ନିମ୍ନ ଦୃଶ୍ୟମାନ ବ୍ୟବସାୟ ସଂସ୍ଥା ଭାବରେ ପୃଥକ କରି ତିନିଟି ଲେନ୍‌ସର ଉପଯୋଗ କରିଛି । ଏହି ଆକଳନରେ କୁହାଯାଇଛି ଯେ ମଧ୍ୟମରୁ ଉଚ୍ଚ ଆୟକାରୀ ବର୍ଗ ଉବେର / ଓଲା ସେବା ବ୍ୟବହାର କରିବା ପରିବର୍ତେ ବ୍ୟକ୍ତିଗତ କାର୍ ଅଥବା ଦୁଇଚକିଆ ଗାଡି ଖରିଦ କରିବାକୁ ପସନ୍ଦ କରିବେ । ସମ୍ପ୍ରତି କମ୍ ବ୍ୟୟସାପେକ୍ଷ ଏବଂ ବଜାରରେ ଚାହିଦା ଥିବା ବ୍ୟବହୃତ (ସେକେଣ୍ଡ ହ୍ୟାଣ୍ଡ) ଗାଡିଗୁଡିକର ଚାହିଦା ବୃଦ୍ଧିପାଇଛି । ଅନୁରୂପ ଭାବେ ଏକାଧିକ ସପିଂ ଆପ୍ଲିକେସନ ଜରିଆରେ ଜନସାଧାରଣ ଅନ୍‌ଲାଇନରେ କିଣାକିଣି କରୁଛନ୍ତି ଏବଂ ଅନ୍‌ଲାଇନ ସ୍ୱାସ୍ଥ୍ୟଯତ୍ନ ତଥା ଔଷଧ ଆଦିର ଚାହିଦା ବିପୁଳ ବୃଦ୍ଧି ଘଟିଛି । ଦରିଦ୍ର ଲୋକଙ୍କ ପାଇଁ ସରକାର ଉନ୍ନତ ଜୀବନ ନିର୍ବାହ ପରିବେଶ ଯୋଗାଇବା ଉପରେ ଗୁରୁତ୍ୱ ଦେବା ସମ୍ଭାବନା ଥିବାରୁ ସୁଲଭ ମୂଲ୍ୟ ବାସଗୃହ ନିର୍ମାଣ ମଧ୍ୟ ତ୍ୱରାନ୍ୱିତ ହୋଇପାରେ । ଅନ୍ୟପକ୍ଷରେ ୱାର୍କ ଫ୍ରମ ହୋମ୍ (ଘରେ ରହି ଅଫିସ କାମ କରିବା) ବ୍ୟବସ୍ଥା ଦ୍ୱାରା ଘରଭଡା ବ୍ୟବସାୟ ପ୍ରଭାବିତ ହୋଇପାରେ ଏବଂ ସେହି ସମୟରେ ଇôକ୍ଷସ୍ପ;ରନେଟ୍ କାରବାର ବ୍ୟାପକ ହେବ ଏବଂ ଏହାଦ୍ୱାରା ଦୂରସଂଚାର କମ୍ପାନୀଗୁଡିକ ଫାଇଦା ପାଇବେ । ଏଭଳି ପରିସ୍ଥିତିରେ ପ୍ୟାକେଟରେ ଆସୁଥିବା ପ୍ରସ୍ତୁତ ଖାଦ୍ୟର ଚାହିଦା ବୃଦ୍ଧିପାଇବ । ରପ୍ତାନିଭିତ୍ତିକ ଔଷଧୀୟ କମ୍ପାନୀଗୁଡିକ ମଧ୍ୟ 'ଆତ୍ମନିର୍ଭର ଭାରତ' ବିଷୟରୁ ସୁଯୋଗ ନେବାକୁ ଉତ୍ତମ ସ୍ଥିତିରେ ଅଛନ୍ତି । ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ୱାଶ୍ ଭଳି ସାମଗ୍ରୀର କାରବାର ୧୦ହଜାର ଗୁଣ ବୃଦ୍ଧିପାଇଛି । ଅନ୍ୟପକ୍ଷରେ ସାମାଜିକ ନିରାପତ୍ତା ବ୍ୟବସ୍ଥାର ଅଭାବ ଏବଂ ବ୍ୟୟବହୁଳ ସ୍ୱାସ୍ଥ୍ୟଯତ୍ନ ସହିତ ଭାରତରେ ସୁରକ୍ଷା ପ୍ରଦାନକାରୀ ପଲିସୀର ଖୁବ କମ୍ କାରବାର ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଟର୍ମଲାଇଫ ଇନସ୍ୟୁରାନ୍ସ ଚାହିଦା ବୃଦ୍ଧି ପାଇପାରେ । ଏହାକୁ ଡିଏସ୍‌ପି ଏମଏଫ ଭିଜନ ୧୫/୨୦ ବର୍ଗରେ ସ୍ଥାନିତ କରିଛି । ବେତନ କାଟ ଏବଂ ଚାକିରୀ ଛଟେଇ ଭଳି ଜଟିଳ ସମୟରେ ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ହେଉଥିବା ବ୍ରାଣ୍ଡ୍‌ଗୁଡିକ ପ୍ରିମିୟମ ବ୍ରାଣ୍ଡ୍‌ଗୁଡିକୁ ପଛରେ ପକାଇଦେବା ଆଶା କରାଯାଉଛି, କାରଣ ଗ୍ରାହକମାନେ ମୂଲ୍ୟପ୍ରତି ସଚେତନ ହୋଇ କିଣାକିଣି କରିବା ଆରମ୍ଭ କରିଛନ୍ତି । ପ୍ରାଥମିକ ସମୟରେ ଅସାଧୁ ମହଜୁଦ କାରଣରୁ ଉପଭୋକ୍ତାଙ୍କ ଦ୍ୱାରା ମୁଖ୍ୟ ଖାଦ୍ୟସାମଗ୍ରୀ ବିପୁଳ ପରିମାଣରେ କିଣାକିଣି କରାଯିବା ପରିଲକ୍ଷିତ ହୋଇଛି ଏବଂ ଏ କ୍ଷେତ୍ରରେ ଦୀର୍ଘସୂତ୍ରୀ ଅଭିବୃଦ୍ଧି ଅପରିବର୍ତ୍ତିତ ରହିବା ମନେ କରାଯାଉଛି । ସ୍ୱାସ୍ଥ୍ୟରକ୍ଷା ଉତ୍ପାଦଗୁଡିକର ସୀମିତ ବ୍ୟବହାର ଏବଂ ଟୁଥପେଷ୍ଟ, ଫେସୱାଶ୍, ସାମ୍ପୁ ଭଳି ଅନ୍ୟ ସ୍ୱାସ୍ଥ୍ୟରକ୍ଷା ବର୍ଗର ଉତ୍ପାଦଗୁଡିକରେ ସେଭଳି ବୃଦ୍ଧି ଲକ୍ଷ୍ୟ କରାଯାଇନାହିଁ । ପ୍ୟାକେଟରେ ଆସୁଥବା ଖାଦ୍ୟସାମଗ୍ରୀ ଚାହିଦା ଆଶାତୀତ ବୃଦ୍ଧିଘଟିଛି ଏବଂ ନିକଟରେ ଜଣେ ବିସ୍କୁଟ ଉତ୍ପାଦନକାରୀଙ୍କ କହିବା ଅନୁଯାୟୀ ସେମାନେ ଅଶୀବର୍ଷ ମଧ୍ୟରେ ଯେତିକି ବ୍ୟବସାୟ କରିନଥିଲେ ତାହା ଚଳିତ ମାସଗୁଡିକରେ କରିଛନ୍ତି । ତେବେ ଏହି ଧାରା ଜାରି ରହିବ ବୋଲି ଆମେ ମନେକରିପାରିବା ନାହିଁ । ଡିଏସ୍‌ପି ଏମଏଫର ଭିଜନ ୧୦/ ୨୦ ବର୍ଗରେ ଏହା ସ୍ଥାନ ପାଇଛି । ସାମ୍ପ୍ରତିକ ସ୍ଥିତିରେ ଲୋକେ ବାହାରେ ଖାଇବା ବନ୍ଦ କରିଦେଇଛନ୍ତି । ମହାମାରୀ ସମୟରେ ଅନ୍‌ଲାଇନ ସାମଗ୍ରୀ ଯୋଗାଣ ଗୁରୁତର ପ୍ରଭାବିତ ହୋଇଥିଲା ଏବଂ ଏହିସବୁ ରୋଷଶାଳା ବନ୍ଦ ହୋଇଯାଇଥିଲା । ଖୁଚୁରା ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିଲା, ଯଦିଓ ସମ୍ପ୍ରତି ଏଥିରେ ପୁନରୁଦ୍ଧାର ଘଟିବାର କେତେକ ସୂଚନା ମିଳୁଛି । ତେଣୁ ଏହି ଶ୍ରେଣୀଗୁଡିକ ପୂର୍ବ ଅବସ୍ଥାକୁ ଫେରିବା ନିମନ୍ତେ କିଛି ସମୟ ଲାଗିବ ଏବଂ ଉପଭୋକ୍ତାଙ୍କର ବିଶ୍ୱାସ ଫେରାଇ ଆଣିବା ସହିତ ସେମାନଙ୍କ ଆସ୍ଥା ଜିତିବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବ । ତତ୍‌ସହିତ ସମ୍ପ୍ରତି ଚଳଚ୍ଚିତ୍ରଗୁଡିକ ଅନ୍‌ଲାଇନ ପ୍ଲାଟଫର୍ମରେ ମୁକ୍ତିଲାଭ କରୁଥିବାରୁ ମଲ୍‌ଟିପ୍ଲେକ୍ସଗୁଡିକ ପ୍ରଭାବିତ ହେବ । ବିମାନରେ ଆବଦ୍ଧ ପରିବେଶ ସହିତ ଯାତ୍ରୀମାନେ ପାଖାପାଖି ବସୁଥିବାରୁ ନିୟମିତ ଯାତ୍ରୀବାହୀ ବିମାନ ଚଳାଚଳ ସ୍ୱାଭାବିକ ହେବାକୁ ଆଉ କିଛିଦିନ ଲାଗିପାରେ । କୋଭିଡ ଓ ଅଣ କୋଭିଡ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରମାନେ ମୂଲ୍ୟ ସ୍ଥିର କରୁଥିବାରୁ ହସପିଟାଲଗୁଡିକରେ ଘରୋଇ ନିବେଶ ପ୍ରଭାବିତ ହୋଇପାରେ ବୋଲି କୁହାଯାଇଛି । ବ୍ୟାଙ୍କଗୁଡିକ ମଧ୍ୟ ମୋରାଟୋରିୟମକୁ ନେଇ ଆଗକୁ ବଢିବା ସମ୍ପର୍କରେ ଶିକ୍ଷାଲାଭ କରୁଛନ୍ତି ଏବଂ ଏହାଦ୍ୱାରା କେତେ ପ୍ରତିଶତ ଅର୍ଥ ପୁନର୍ଗଠନ କରାଯିବ, ତାହା ଦେଖିବାକୁ ବାକି ରହିଛି । ଏହା ଭିଜନ ୫/୨୦ରେ ସ୍ଥାନିତ ହୋଇଛି । ଡିଏସ୍‌ପିର ପୋର୍ଟଫୋଲିଓର ମୁଖ୍ୟଭାଗ ଉଚ୍ଚ ଏବଂ ନିମ୍ନ ଦୃଶ୍ୟମାନ କ୍ଷେତ୍ରରେ ଥିବା କମ୍ପାନୀଗୁଡିକୁ ନେଇ ପ୍ରସ୍ତୁତ । ଡିଏସ୍‌ପି ଏମଏଫ୍‌ର ବିଶ୍ୱାସ ଯେ କମ୍ ପରିମାଣର ଋଣ ସହିତ ଅଧିକ ଅର୍ଥ ପ୍ରବାହ ବ୍ୟବସ୍ଥା ସୃଷ୍ଟି ଦୀର୍ଘସୂତ୍ରୀ ଆକାରରେ ଉତ୍ତମ ଭାବେ କାର୍ଯ୍ୟ କରିଥାଏ ଏବଂ ଆମେ ସମ୍ପ୍ରତି ଯାହା ଦେଖୁଛୁ ସଙ୍କଟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୁଏ । ମାତ୍ରାଧିକ ଋଣକୁ ନେଇ ଭାରାକ୍ରାନ୍ତ ଅଥବା ସ୍ୱଳ୍ପ ଅର୍ଥ ପ୍ରବାହ ବ୍ୟବସ୍ଥା ଥିବା କମ୍ପାନୀଗୁଡିକ ହୁଏତ ସଫଳତାର ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି । ଗୋଟିଏ କମ୍ପାନୀ ମୂଳଧନକୁ କେତେ ଦକ୍ଷ ଭାବରେ ନିବେଶ କରିପାରୁଛି ଏବଂ ପୁଞ୍ଜି ଦକ୍ଷତାଭିତ୍ତିକ ବ୍ୟବସାୟକୁ ପସନ୍ଦ କରୁଛି, ତାହା ଉପରେ ସମ୍ପତ୍ତି ସୃଷ୍ଟି ନିର୍ଭର କରେ ବୋଲି ଡିଏସ୍‌ପିର ବିଶ୍ୱାସ । ଏହା ଏକଥା ମଧ୍ୟ କହିଛି ଯେ ସାମ୍ପ୍ରତିକ ପରିବେଶ ଅନିଶ୍ଚିତ ଏବଂ ଅସ୍ଥିର ଅବସ୍ଥାରେ ରହିଛି । ବର୍ତ୍ତମାନ ସମୟରେ ଘଟୁଥିବା ପରିବର୍ତ୍ତନ ଉପଭୋକ୍ତାଙ୍କ ଆଚରଣରେ ପରିବର୍ତ୍ତନ ଆଣିବ । ତେଣୁ ଏହାକୁ ନେଇ ଡିଏସ୍‌ପି ଏମଏଫ ଉଲ୍ଲସିତ ଥିଲେ ମଧ୍ୟ ଭବିଷ୍ୟତ ପ୍ରତି ସଜାଗ ଦୃଷ୍ଟି ରଖିଛି ।

# ଲିଜଧାରୀ ନିୟମ ବୈହିର୍ଭୁତ ଭାବେ ବାଲି ଖଦାନ ଚଳାଉଥିବା

ବାଲେଶ୍ୱର,(ପି.ଏନ): ସଦର ବ୍ଲକ ଅନ୍ତର୍ଗତ ନଗ୍ରମ ଗ୍ରାମ ପଞ୍ଚାୟତ ଓ ରେମୁଣା ବ୍ଲକ ଦହପଡ଼ା ଗ୍ରାମ ପଞ୍ଚାୟତର ଫୁଲୱାର କଷବା, କାଳିପୁର, ଖେଜୁରପୁର, ଦହପଡ଼ା, କଣ୍ଟାବଣିଆ, ଗମ୍ଭାରିଆ ଓ ଧରମପୁର ଗ୍ରାମର ଗ୍ରାମବାସୀ ମାନେ ଲିଜ ନେଇଥିବା ଅରୁଣାକର ଦାସଙ୍କ ବିରୁଧରେ ଜିଲ୍ଲାପାଳଙ୍କୁ ଏକ ଦାବି ପ୍ରଦାନ କରିଛନ୍ତି । ବାଲି ଉଠାଇବା ନିମନ୍ତେ କୌଣସି ଯାନ୍ତ୍ରିକ ବ୍ୟବସ୍ଥା ନିୟମ ନ ଥିବା ବେଳେ ପ୍ରତିଦିନ ପୋକ୍ରେନ ମେସିନ ମାଧମରେ ନଦୀ ଗର୍ଭରୁ ବେଆଇନ ଭାବରେ ସହ ସହ ସିୟୁଏମ ବାଲି ଉତ୍ତୋଳନ କରୁଛନ୍ତି । ଏହି ବାଲି ସୌରାତ୍ ଚଳାଇବା ପାଇଁ ସମୁଦାୟ ୩୭ ହଜାର ୪୦୦ ସିୟୁଏମ ବାଲି ଉତ୍ତୋଳନ ପାଇଁ ଅନୁମତି ଅଛି । ୦.୩ ମିଟର ହିସାବରେ ବର୍ଷକୁ ଯେତିକି ବାଲି ଉତ୍ତୋଳନ କରିବା କଥା ପ୍ରତିଦିନ ଏହି ମେସିନ ସାହାଯ୍ୟରେ ବେଆଇନ ଭାବେ ବହୁତ ଅଧିକ ବାଲି ଉତ୍ତୋଳନ କରାଯାଉଛି । ଏହା ଦ୍ୱାରା ସରକାର ଉକ୍ତ ସୈରାତ୍‌କୁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଥିବାର ଜଣାପଡୁଛି । ଅଧିକ ବାଲି ଉତ୍ତୋଳନ ଓ ପରିବହନ ଜଣା ପଡିଯିବା ଭୟରେ ତହସିଲ କାଯ୍ୟାଳୟରୁ ମିଳିଥିବା କେଫର୍ମ ଜାଣିଶୁଣି ଗାଡ଼ିକୁ ଦିଆଯାଉ ନାହିଁ । ଉକ୍ତ ବାଲି ସୈରାତ କୌଣସି ଗୋଟିଏ ମଧ୍ୟ ନିୟମର ସର୍ତ ଅନୁସରଣ କରୁ ନାହିଁ ଏବଂ ଏହା ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ପାସ ହୋଇଛି କି ନାହିଁ ତାହା ମଧ ସନ୍ଦେହ ସୃଷ୍ଟି ହେଉଛି । ନଦୀ ପଠାରୁ ୪୦ ମିଟର ଛାଡ଼ି ଓ ମାତ୍ର ୦.୩ ମିଟର ଗଭୀର ପର୍ଯ୍ୟନ୍ତ ବାଲି ଉଠାଇବାର ନିୟମ ଥିବା ବେଳେ ଉକ୍ତ ଲିଜ୍‌ଧାରୀ ଏହାର ସମ୍ପୁର୍ଣ୍ଣ ଓଲଟା ଅର୍ଥାତ ନଦୀ ପଠାକୁ ଖୋଳି ଡମ୍ଫର ସାହାଯ୍ୟର ସହ ସହ ଟ୍ରିପ ମାଟି ବିକ୍ରି କରୁଛନ୍ତି । ଫଳରେ ନଦୀ ଗର୍ଭରେ ୫୦ ରୁ ୬୦ ଫୁଟ ପର୍ଯ୍ୟନ୍ତ ଗଣ୍ଡ ସୃଷ୍ଟି ହୋଇ କିଛି ଲୋକ ନଦୀରେ ଗାଧଇବା ସମୟରେ ପାଣିରେ ବୁଡ଼ିଯାଇ ମୃତ୍ୟୁ ବରଣ କରୁଥିବା ଉଦାରଣ ମଧ ରହିଛି । ନଦୀ ଜଳଠାରୁ ମାଟି ଖୋଳି ବିକ୍ରି କରିବା ଫଳରେ ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଆସିଲେ ନଦୀର ଗତିପଥ ପରିବର୍ତନ ହୋଇ ଗ୍ରାମ ଗୁଡ଼ିକ ନଦୀ ଗର୍ଭରେ ଲୀନ ହେବାର ଆଶଙ୍କା ମଧ ସୃଷ୍ଟି ହୋଇଛି । ବର୍ତମାନ ଗ୍ରୀଷ୍ମ ସମୟରେ ଗୋରୁ ଗାଇ, ଛେଳି ଇତ୍ୟାଦି ପ୍ରାଣି ମାନେ ପାଣି ପିଇବା ପାଇଁ ନଦୀକୁ ଯିବା ବେଳେ ନଦୀ ପାଣି ଗୋଳିଆ ହୋଇଯାଇଥିବାରୁ ପାଣି ମଧ ପିଇ ପାରୁ ନାହାନ୍ତି ।ରାଜ୍ୟ ପରିବେଶ ଓ ପ୍ରଭାବ ମୁଲ୍ୟାୟନ କର୍ତ୍ତୃପକ୍ଷଙ୍କ ଜଣେ ବରିଷ୍ଠ ବୈଜ୍ଞାନିକ, ରାଜ୍ୟ ପ୍ରଦୁଷଣ ବୋର୍ଡ଼ର ବରିଷ୍ଠ ବୈଜ୍ଞାନିକ, ଜିଲ୍ଲାପାଳ କିମ୍ବା ତାଙ୍କ କେହି ପ୍ରତିନିଧି ଓ ଜିଲ୍ଲା ଖଣି ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇ ସସବା ଦହପଡ଼ା ବାଲି ସୈରାତକୁ ନିରପେକ୍ଷ ତଦନ୍ତ କରି ଯଦି ଆଇନ ବୈହିର୍ଭୁତ କାର୍ଯ୍ୟ କରାଯାଇ ଥାଏ ତାହାହେଲେ ଲିଜ୍‌ଧାରୀ କରୁଣାକର ଦାସଙ୍କ ଉପରେ ଦିତ କାର୍ଯ୍ୟାନୁଷ୍ଠାନ ନେବାକୁ ଏହି ୨ ଟି ଗ୍ରାମ ପଞ୍ଚାୟତର ଅଧିବାସୀ ମାନେ ଦାବି କରିଛନ୍ତି ।

# ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବାଲେଶ୍ୱର: ଆଜି ପୂର୍ବାହ୍ନରେ ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଏକ ସୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପଥବିକ୍ରେତା ଜୀବିକା ସୁରକ୍ଷା ଓ ପଥ ବିକ୍ରେତା ବିନିମୟ ଆଇନ ଉଲଘଂନ ଏବଂ ପଥବିକ୍ରେତାଙ୍କ ଜୀବିକା ଓ ଜୀବନ ଉଚ୍ଛେଦ ଅଭିଯୋଗ ବନ୍ଦ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ପଥବିକ୍ରେତା ଙ୍କ ଜୀବିକା ସୁରକ୍ଷା ପାଇଁ ୨୦୧୪ କେନ୍ଦ୍ରୀୟ ଆଇନକୁ ବାଲେଶ୍ୱର ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଲଘଂନ କରି ଏହି ବର୍ଗର ମଣିଷଙ୍କ ଜୀବନ ଧାରଣ ଦୁର୍ବିସ କରାଇଲେଣି । ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଚ୍ଛେଦ କରି ପଥ ବିକ୍ରେତା ବୃଦ୍ଧି ଥିବା ସହ ସହ ପଥ ବିକ୍ରେତାଙ୍କ ଆଇନ ଗତ ସାମ୍ବିଧାନିକ ଅଧିକାରକୁ ଛଡ଼ାଇ ନେଇ ବାରମ୍ବାର ଅନ୍ୟାୟ କରିଚାଲିଛନ୍ତି । ଏହି ପରି ରାୟ ଶାସନ ବନ୍ଦ କରି ଉଠା ଦାକାନିଙ୍କୁ ସାମ୍ବିଧାନିକ ସାମାଜିକ ନ୍ୟାୟ ପ୍ରଦାନ କରିବା ନିମନ୍ତେ ଦାବି କରିଛନ୍ତି । ଓଟି ରୋଡ଼ରେ ୨ ଟିକିଆ ରାସ୍ତାର ପିଚୁ ରାସ୍ତା ଶେଷ ଠାରୁ ସାଢ଼େ ୪ ମିଟର ଭିତରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ପୌର କାର୍ଯ୍ୟ ନିର୍ବାହି ଅଧକାରୀ ପଥ ବିକ୍ରେତା ସଂଘ କର୍ମକର୍ତ୍ତା ମାନଙ୍କୁ କହିବା ପରେ ପଥ ବିକ୍ରେତା ମାନେ ସେହି ଦିନ ବାହାରକୁ ଉଠାଇ ନେଇଥିଲେ । ରାସ୍ତାର ୨ ପାଶ୍ୱରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ଆରଏନବି ସଂସ୍ଥା କର୍ମଚାରୀ ମାନେ ସେଠାରେ ପଥ ବିକ୍ରେତା ମାନଙ୍କୁ ଭୟବିତ କରାଉଛନ୍ତି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସପିଙ୍ଗ କମ୍ପଲେକ୍‌ସ ନିର୍ମାଣ ବନ୍ଦ କରି ସେହି ଅଟାଳିକା ଗୁଡ଼ିକରେ ଇଂଚୁଡ଼ି ଲବଣ ସତ୍ୟା ଗ୍ରହ ଏବଂ ସ୍ୱାଧିନତା ଆନ୍ଦୋଳର ସଂଗ୍ରହାଳୟ ପ୍ରତିଷ୍ଠା କରାଯାଉଛି । ଓଟି ରୋଡର ସାଢ଼େ ୪ ମିଟର ପର୍ଯ୍ୟନ୍ତ ପ୍ରଶସ୍ତିକରଣ କରାଇବା ପରେ ବାକି ସ୍ଥାନ ଗୁଡ଼ିକ ପଥ ବିକ୍ରେତା କେନ୍ଦ୍ର ଓ ରାଜ୍ୟ କୁଟିରଶିଳ୍ପ, ହସ୍ତଶିଳ୍ପ ସମେତ ଆଞ୍ଚଳିକ ସାମଗ୍ରିର ପଥବିକ୍ରେତା କେନ୍ଦ୍ର ପ୍ରତିଷ୍ଠା କରି ଏହାକୁ ଜାତୀୟ ସ୍ଥରରେ ଆକର୍ଷଣୀୟ ପଥ ବିକ୍ରେତା କେନ୍ଦ୍ର କରାଯାଇ ପର୍ଯ୍ୟଟକ ଗ୍ରାହକ ମାନଙ୍କୁ ଆକୃଷ୍ଟ କରାଯାଉ । ବ୍ରିଜ ଅଞ୍ଚଳର କରୋନା ମହାମରୀ ସମୟର ସରକାରୀ ଘୋଷିତ ରିଲିଫ୍ ସମସ୍ତଙ୍କୁ ପ୍ରଦାନ କରାଯାଉ । ଜୟନ୍ତ ଦାସ ଙ୍କ ନେତୃତ୍ୱରେ ଅବିଦ ଖାନ, ମୋହିନି ମୋହନ ପରିଡ଼ା, ଅଭିରାମ ବାରିକ, ପ୍ରଶାନ୍ତ ସେଠୀ, ରତନ ଗିରି, ବିଜୟ ସାହ. ରାଧା ବାରିକ, ସୁମନ ସିଂହ, ନୟନ ମାଲୋହତ୍ରା ପ୍ରମୁଖ ଏହି ଶୋଭା ଯାତ୍ରାରେ ସାମିଲ ହୋଇଥିଲେ ।




# ଆଇନର ବ୍ୟବସ୍ଥା ଓ ବ୍ୟବଚ୍ଛେଦ ରିପୋର୍ଟ ପାଇଁ ଚାରିବର୍ଷ !

ଯେଉଁ ଦିନ ଶବ ବ୍ୟବଚ୍ଛେଦ ହେବ, ସେହିଦିନ ହିଁ ବ୍ୟବଚ୍ଛେଦ ରିପୋର୍ଟ ମିଳିବା କଥା। କିନ୍ତୁ କଟକ ବଡ଼ ଡାକ୍ତରଖାନାରେ ବ୍ୟବଚ୍ଛେଦ ରିପୋର୍ଟ ମିଳିବାକୁ ଚାରିବର୍ଷ ଲାଗି ଯାଉଛି। ଭେସେରା ଓ ଡାଏଟମ ରିପୋର୍ଟ ରସୁଲଗଡ଼ ଫରେନସିକ୍ ସାଇନ୍ସ ଲାବରେଟୋରିକୁ ଆସିବାରେ ବି ସମାନ ସ୍ଥିତି। ବଡ଼ ଡାକ୍ତରଖାନାରେ ୨୦୧୯ରୁ ଆଜି ସୁଦ୍ଧା ମୋଟ ୫୮୪ଟି ଶବର ବ୍ୟବଚ୍ଛେଦ ରିପୋର୍ଟ ପ୍ରସ୍ତୁତ ହୋଇପାରିନାହିଁ। ବ୍ୟବଚ୍ଛେଦ ରିପୋର୍ଟ ବ୍ୟବଚ୍ଛେଦ ଦିନ ମିଳିବା ବଦଳରେ ଏମିତି ବର୍ଷ ବର୍ଷ ଧରି ପଡ଼ି ରହିବା ଫଳରେ ଚାର୍ଜସିଟ ଦାଖଲ ତ ବିଳମ୍ବ ହେଉଛି, ଅପରାଧୀ ବି ସହଜରେ ଖସି ଯାଉଛନ୍ତି।

ଯେଉଁ ମୃତ୍ୟୁ ମାମଲାରେ କୌଣସି ପ୍ରକାର ଜଟିଳତା ନଥାଏ, ସେହି ମାମଲାରେ ଶବ ବ୍ୟବଚ୍ଛେଦ ରିପୋର୍ଟ କଟକ ବଡ଼ ଡାକ୍ତରଖାନାର ଏଫଏମଟି ବିଭାଗର ଡାକ୍ତର ସେହିଦିନ ହିଁ ଦେବା କଥା। ଯେଉଁ ମୃତ୍ୟୁରେ କୌଣସି ଜଟିଳତା ଥାଏ, ଯେଉଳି କି ପାଣିରୁ ଅଚିହ୍ନା ଶବ ଉଦ୍ଧାର ହୋଇଥିଲେ ପ୍ରକୃତରେ ଏହା ହତ୍ୟା ନା ଆତ୍ମହତ୍ୟା ଜାଣିବା ପାଇଁ ଭୁବନେଶ୍ୱର ରସୁଲଗଡ଼ ଫରେନସିକ ସାଇନ୍ସ ଲାବରେଟୋରୀକୁ ଡାଏଟମପରୀକ୍ଷା ପାଇଁ ଡାକ୍ତର ପଠାଇଥାନ୍ତି। ଡାଏଟମ ପରୀକ୍ଷାରେ ଶବର ପେଟରୁ ସଂଗ୍ରହ ହୋଇଥିବା ପାଣି ଓ ଉକ୍ତ ଜଳାଶୟର ପାଣିକୁ ମେଳ କରାଯାଏ। ସେହିଭଳି ରାସ୍ତା ପାର୍ଶ୍ୱରୁ କୌଣସି ବ୍ୟକ୍ତିଙ୍କ ସନ୍ଦେହଜନକ ମୃତଦେହ ଉଦ୍ଧାର ହୋଇଥିଲେ ବ୍ୟବଚ୍ଛେଦ ସହିତ ଲାବରେଟୋରୀକୁ ଭେସେରା ପରୀକ୍ଷା ପାଇଁ ପଠାଯାଏ। କୌଣସି ପ୍ରକାର ବିଷକ୍ରିୟା ସମ୍ପର୍କରେ ଏଥିରୁ ଜଣାପଡ଼ିଥାଏ। ଏବେ ଉଭୟ ବଡ଼ ଡାକ୍ତରଖାନା ଓ ରସୁଲଗଡ଼ ଫରେନସିକ ସାଇନ୍ସ ଲାବରେଟୋରୀ ପୁଲିସ ପାଇଁ ଅଡୁଆ ହେଲେଣି। ଅନେକ ଘଟଣାରେ ମୃତ୍ୟୁର କାରଣ ସ୍ପଷ୍ଟ ଥିବା ସତ୍ତ୍ୱେ କେବଳ ବ୍ୟବଚ୍ଛେଦ ରିପୋର୍ଟ ବଡ଼ ଡାକ୍ତରଖାନା ଦେବାକୁ ମାସ ମାସ ସମୟ ଲଗାଇ ଦେଉଛି।

ଡାଏଟମ କିମ୍ବା ଭେସେରା ପରୀକ୍ଷା ରିପୋର୍ଟ ଫରେନସିକ ଲାବରେଟୋରୀରୁ ଆସିବାକୁ ତ ଏକ ବର୍ଷ ଲାଗିଯାଉଛି। ଭେସେରା ନମୁନା ଲାବରେଟୋରୀରେ ମାସ ମାସ ପଡ଼ି ରହୁଥିବାରୁ ମାଂସ ପଚି ସଢ଼ି ଯାଉଥିବାବେଳେ ଶେଷରେ କୌଣସି ରିପୋର୍ଟ ଆଦୌ ଆସୁନାହିଁ। ଲାବରେଟୋରୀ ରିପୋର୍ଟ ଆସି ନଥିବା ଆଳରେ ଡାକ୍ତର ବ୍ୟବଚ୍ଛେଦ ରିପୋର୍ଟରେ ବି କୌଣସି ପ୍ରକାର ମତ ଦେଉନାହାନ୍ତି। ପୁଲିସ ତଥ୍ୟ ଅନୁଯାୟୀ ୨୦୧୯ରେ ୨୫୫୫ଟି, ୨୦୨୦ରେ ୨୩୧୧ଟି, ୨୦୨୧ରେ ୨୭୨୬ଟି ଅପମୃତ୍ୟୁ ମାମଲା ରୁଜୁ ହୋଇଥିବାବେଳେ ୨୦୨୨ ମାର୍ଚ୍ଚ ୧୬ ତାରିଖ ସୁଦ୍ଧା ୫୩୪ଟି ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସେଥିରୁ ୨୦୧୯ରେ ୫ଟି ମାମଲାର ବ୍ୟବଚ୍ଛେଦ ରିପୋର୍ଟ ଏ ଯାଏ ମଙ୍ଗଳାବାଗ ଥାନା ପୁଲିସର ହସ୍ତଗତ ହୋଇନାହିଁ। ସେହିଭଳି ୨୦୨୦ର ୫ଟି , ୨୦୨୧ର ୧୬୭ଟି ଏବଂ ୨୦୨୨ ମାର୍ଚ୍ଚ ୧୬ ତାରିଖ ସୁଦ୍ଧା ୪୦୭ଟି ରିପୋର୍ଟ ଏଯାଏ ହସ୍ତଗତ ହୋଇନାହିଁ। ମୋଟ ୫୮୪ ମାମଲାରେ ରିପୋର୍ଟ ଗଲା ୪ ବର୍ଷ ଭିତରେ ପୁଲିସର ହସ୍ତଗତ ହୋଇନାହିଁ।

ଶବ ବ୍ୟବଚ୍ଛେଦ ରିପୋର୍ଟ ସମ୍ପର୍କରେ ନିୟମ ପୁରା ସ୍ପଷ୍ଟ। ଯେଉଁଦିନ ଡାକ୍ତରଖାନାକୁ ପୁଲିସ ଶବ ନେଇ ଯାଉଛି, ସେହିଦିନ ବ୍ୟବଚ୍ଛେଦ କରି ରିପୋର୍ଟ ସମ୍ପୃକ୍ତ ପୁଲିସଙ୍କୁ ଡାକ୍ତର ଦେବାକଥା। ବ୍ୟବଚ୍ଛେଦ ରିପୋର୍ଟରେ ଥିବା କନକ୍ଲୁଜନରେ ଡାକ୍ତର ସର୍ବାଧିକ ୭ରୁ ୮ ଧାଡ଼ି ଲେଖିବାକୁ ପଡ଼େ। କିନ୍ତୁ ଡାକ୍ତରଙ୍କ ଢ଼ିଲାପଣ ଯୋଗୁଁ ବ୍ୟବଚ୍ଛେଦ ରିପୋର୍ଟ ଆସିବା ବିଳମ୍ବ ହେଉଛି। ଭେସେରା କିମ୍ବା ଡାଏଟମ ପରୀକ୍ଷା ରିପୋର୍ଟ ଫରେନସିକ ସାଇନ୍ସ ଲାବରେଟୋରୀରୁ ସର୍ବାଧିକ ୧୫ ଦିନ ଭିତରେ ହୋଇଯିବା କଥା। କିନ୍ତୁ ସେଠି ରିପୋର୍ଟ ୮ ମାସରୁ ଅଧିକ କାଳ ପଡ଼ି ରହୁଛି।

ବ୍ୟବଚ୍ଛେଦ ରିପୋର୍ଟ ବିଳମ୍ବରେ ଆସୁଥିବାରୁ ମାମଲାର ତଦନ୍ତ ବିଳମ୍ବ ସହିତ କୋର୍ଟରେ ଶୁଣାଣି ପ୍ରକ୍ରିୟାରେ ବି ବିଳମ୍ବ ହେଉଛି। ଅନେକ ମାମଲାରେ ପ୍ରାଥମିକ ଭାବେ ଅପମୃତ୍ୟୁ ମାମଲା ପୁଲିସ ରୁଜୁ କରିଥାଏ। କିନ୍ତୁ ପରେ ବ୍ୟବଚ୍ଛେଦ ରିପୋର୍ଟ ଆଧାରରେ ଏହା ହତ୍ୟା ମାମଲାକୁ ବଦଳିଯାଏ। ବ୍ୟବଚ୍ଛେଦ ରିପୋର୍ଟ ତୁରନ୍ତ ନ ଆସିଲେ ହତ୍ୟା ମାମଲାର ଅନେକ ପ୍ରମାଣ ନଷ୍ଟ ହୋଇଯାଇଥାଏ।

# ଇନ୍ଦୁପୁର ହାଇସ୍କୁଲ ପୁରାତନ ଛାତ୍ର ସଂସଦର ଅଭିନବ ପ୍ରୟାସ



କେନ୍ଦ୍ରାପଡ଼ା (ପିଏନ୍): ଇନ୍ଦୁପୁର ହାଇସ୍କୁଲ ପୁରାତନ ଛାତ୍ର ସଂସଦର ସୌଜନ୍ୟରେ ଗତ ଫେବୃୟାରୀ ମାସ ୨ୟ ରବିବାରଠାରୁ ପ୍ରତ୍ୟେକ ରବିବାର ଆଖପାଖ ବିଦ୍ୟାଳୟର ଦଶମ ଶ୍ରେଣୀର ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଚଳିତ ୨୦୨୨ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ କୃତିତ୍ୱ ସହ ସଫଳ ହେବା ପାଇଁ ବରିଷ୍ଠ, ଅଭିଜ୍ଞ ତଥା ପ୍ରବୀଣ ଶିକ୍ଷକମାନଙ୍କୁ ନେଇ ଶିକ୍ଷାଦାନ କରାଯାଇଆସୁଛି। ଭୁବନେଶ୍ୱର ପାହାଳସ୍ଥିତ କ୍ୟାରିୟର ଫୋକସ ଏଜୁକେଶନାଲ ଗ୍ରୁପର ପ୍ରତିଭାସମ୍ପନ୍ନ ପ୍ରବୀଣ ଶିକ୍ଷକ ମଣ୍ଡଳୀମାନଙ୍କ ଦ୍ୱାରା ଶିକ୍ଷାଦାନ ଅତି ଉଚ୍ଚକୋଟୀର ଓ ଆକର୍ଷଣୀୟ ଥିଲା। ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଇଂରାଜୀ ଓ ଗଣିତ ଇତ୍ୟାଦି ବିଷୟରେ ଖେଳକୁଦ ମାଧ୍ୟମରେ ଶେଷଦେବ ପ୍ରଧାନ, ସୁରେଶ କୁମାର ସିଂ, ପ୍ରସାଦ ରଞ୍ଜନ ପାତ୍ର ଓ ସୁଦର୍ଶନ ମହାପାତ୍ର ପ୍ରମୁଖ ପିଲାମାନଙ୍କୁ ଶିକ୍ଷାଦାନ କରିଥିଲେ। ପୁରାତନ ଛାତ୍ର ସଂସଦର ସମ୍ପାଦକ ପ୍ରଣବ କୁମାର ଜେନା ଆଗନ୍ତୁକ ଶିକ୍ଷକମଣ୍ଡଳୀ ଓ ୨୦ରୁ ଉର୍ଦ୍ଧ୍ୱ ବିଭିନ୍ନ ଉଚ୍ଚ ବିଦ୍ୟାଳୟରୁ ଆସିଥିବା ଏକଶହରୁ ଉର୍ଦ୍ଧ୍ୱ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ କରିବା ସହ ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଏଜୁକେଶନାଲ ଗ୍ରୁପର ରାକେଶ ସିଂ, ହୃଷିକେଶ ସାହୁ, କ୍ଷୀରାବ୍ଧି ପଟ୍ଟନାୟକଙ୍କ ସମେତ ପୁରାତନ ଛାତ୍ର ସଂସଦର ଉପ ସଭାପତି ଶିକ୍ଷାବିତ ପ୍ରଫୁଲ୍ଲ କୁମାର ଜେନା, ଦେବେନ୍ଦ୍ର କୁମାର ରାଉତ, ତ୍ରିଲୋଚନ ଜେନା, ସୁବାସ ଚନ୍ଦ୍ର ମଜୁମଦାର, ଚିରଞ୍ଜିନ ରାଉତ, ମୁରଲୀଧର ବିଶ୍ୱାଳ, ଅନାଦି ଚରଣ ଦାସ, ବିଜୟ କୁମାର ସାହାଣୀ, ଶଶିଭୂଷଣ ପଣ୍ଡା, ପ୍ରଦୀପରଞ୍ଜନ ବୋଷ, ପର୍ଶୁରାମ ସ୍ୱାଇଁ, ସମାଜସେବୀ ବେଣୁଧର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଇନ୍ଦୁପୁର ହାଇସ୍କୁଲର ଛାତ୍ରୀ ସାଇକ୍ରୀଷ୍ଟା ଜେନା, କେନ୍ଦ୍ରାପଡା ସହରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ର ଛାତ୍ର ମହେଶ ଭୂୟାଁ ଶିକ୍ଷାଦାନ ଶେଷରେ ଶିକ୍ଷକମଣ୍ଡଳୀମାନଙ୍କୁ କୃତଜ୍ଞତା ଜଣାଇବା ସହ ଆଜିର ମନମୁଗ୍ଧକର ଶିକ୍ଷାଦାନ ଆମ୍ଭମାନଙ୍କ ପାଇଁ ପରୀକ୍ଷାରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ପ୍ରଫୁଲ୍ଲ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ବୃଦ୍ଧି ପାଉଛି ସିଆରପିସି-୪୧ ଉଲ୍ଲଂଘନ: ମାମଲା ବଢୁଛି; ସମୟ ବି ନଷ୍ଟ

ସାତବର୍ଷରୁ କମ ଦଣ୍ଡ ଥିବା ମାମଲାର ଅଭିଯୁକ୍ତମାନଙ୍କୁ ସିଆରପିସି ୪୧ରେ ନୋଟିସ ଦେଇ ଛାଡ଼ିବାର ନିୟମ ରହିଛି। ହେଲେ ପୁଲିସ ନିଜ ଉପରୁ ଦୋଷ ଖସାଇବା ପାଇଁ ସିଆରପିସି ୪୧କୁ ମାନୁନି। ଏଭଳି ମାମଲାର ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରୁଛି। ଏ ସମ୍ପର୍କିତ ମାମଲା ସଂଖ୍ୟା ବଢୁଥିବାରୁ ଅଯଥାରେ କୋର୍ଟଙ୍କ ସମୟ ନଷ୍ଟ ହେଉଛି। ଅନେକ ସମୟରେ କୋର୍ଟ ମଧ୍ୟ ପୁଲିସ ଉପରେ ଅସନ୍ତୋଷ ପ୍ରକାଶ କରୁଥିବାରୁ ସିଆରପିସି-୪୧କୁ କଡ଼ାକଡ଼ି ପାଳନ କରିବା ପାଇଁ ଏସପି ଓ ଡିସିପିମାନଙ୍କୁ ନିକଟରେ କ୍ରାଇମବ୍ରାଞ୍ଚ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

କୋର୍ଟ ଅବମାନନା ମାମଲାରେ ଦିଲ୍ଲୀ ହାଇକୋର୍ଟ ଜଣେ ପୁଲିସ ଅଫିସରଙ୍କୁ ଗୋଟିଏ ଦିନରେ ସଜା ସହ ୨ ହଜାର ଟଙ୍କା ଜରିମାନା ଦେବାକୁ କହିଥିଲେ। ଏକ ଅପରାଧରେ ସଜା ୭ ବର୍ଷରୁ କମ ଥିଲା। ହେଲେ ଦିଲ୍ଲୀ ପୁଲିସ ତାଙ୍କୁ ଗିରଫ କରି ୪୧ ସିଆରପିସିରେ ନୋଟିସ ଦେଇ ଛାଡ଼ିବା ବଦଳରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହାକୁ ବିରୋଧ କରି ସମ୍ପୃକ୍ତ ବ୍ୟକ୍ତି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଶେଷରେ କୋର୍ଟ ମାମଲାର ବିଚାର କରି ଗିରଫ କରିଥିବା ପୁଲିସ ଅଫିସରଙ୍କୁ ଗୋଟିଏ ଦିନର ସଜା ଶୁଣାଇଥିଲେ। ତେଣୁ ଯଦି ଏଭଳି ଭୁଲ କଲେ ଆଇନ ଅନୁସାରେ ଦଣ୍ଡିତ ହେବାର ଆଶଙ୍କା ଥିବା କ୍ରାଇମବ୍ରାଞ୍ଚ ପୁଲିସ କର୍ମଚାରୀଙ୍କୁ ଚେତେଇ ଦେଇଛି।

ଜାନୁଆରୀ ମାସର ତଥ୍ୟ ଅନୁସାରେ ସାତ ବର୍ଷରୁ କମ ଦଣ୍ଡ ଥିବା ମାମଲାରେ ରାଜ୍ୟରେ ୨ହଜାର ୪୭୪ ଜଣ ଗିରଫ ହୋଇଥିବାବେଳେ ୯ହଜାର ୯୮୪ ଜଣଙ୍କୁ ନୋଟିସ ଦେଇ ଛଡ଼ା ଯାଇଛି। ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ଗିରଫ ହୋଇଥିବାବେଳେ ୯୨୦ଜଣଙ୍କୁ ନୋଟିସ ଦେଇ ଛଡ଼ାଯାଇଛି। କଟକରେ ୨୪ ଜଣ ଗିରଫ ହୋଇଥିବାବେଳେ ୩୪୧ ଜଣଙ୍କୁ ଛଡ଼ା ଯାଇଛି। ସେହିପରି ଯାଜପୁର ଜିଲ୍ଲାରେ ୮୦ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୮୫ ଜଣଙ୍କୁ ନୋଟିସ ଦେଇ ଛଡ଼ାଯାଇଛି। ଜଗତସିଂହପୁର ଜିଲ୍ଲାରେ ୯୪ଜଣ ଗିରଫ ହୋଇଥିବାବେଳେ ୯୧ ଜଣଙ୍କୁ ନୋଟିସ ଦେଇ ଛଡ଼ାଯାଇଛି। କେନ୍ଦ୍ରାପଡ଼ାରେ ୫୦ଜଣ ଗିରଫ ହୋଇଥିବାବେଳେ ୩୨ ଜଣଙ୍କୁ ନୋଟିସ ଦିଆଯାଇ ଛଡ଼ାଯାଇଛି। ଖୋର୍ଦ୍ଧାରେ ୧୦୯ ଜଣଙ୍କୁ ଗିରଫ କରାଯାଇଥିବାବେଳେ ୧୫୯ ଜଣଙ୍କୁ ନେଟି ଦେଇ ଛଡ଼ାଯାଇଛି। ପୁରୀରେ ୧୫୨ ଜଣଙ୍କୁ ଗିରଫ ହୋଇଥିବାବେଳେ ୪୩୬ ନୋଟିସ ମାଧ୍ୟମରେ ଭଦ୍ରକ ଜିଲ୍ଲାରେ ୮୭ ଜଣଙ୍କୁ ଗିରଫ କରାଯାଇଥିବାବେଳେ ୪୬୫ ଜଣଙ୍କୁ ନୋଟିସ ଦେଇ ଛାଡ଼ିଛି ପୁଲିସ। ବାଲେଶ୍ୱରରେ ୧୨୯ ଗିରଫ ହୋଇଥିବାବେଳେ ୪୨୫ଙ୍କୁ ଛଡ଼ା ଯାଇଛି। ମୟୂରଭଞ୍ଜରେ ୧୦୫ ଗିରଫ ହୋଇଥିବାବେଳେ ୬୨୧ ଜଣଙ୍କୁ ଛଡ଼ାଯାଇଛି। ସୁନ୍ଦରଗଡ଼ରେ ୧୦୦ ଜଣଙ୍କୁ ଗିରଫ କରାଯାଇଥିବାବେଳେ ସିଆରପିସି ୪୧ରେ ୨୩୯ ଜଣଙ୍କୁ ଛଡ଼ାଯାଇଛି। ରାଉରକେଲାରେ ୬୦ ଗିରଫ ହୋଇଥିବା ବେଳେ ୨୬୨ ଜଣଙ୍କୁ ନୋଟିସ ଦିଆଯାଇଛି। ରାଜଧାନୀରେ ୨୩୩ଜଣ ଗିରଫ ହୋଇଥିବାବେଳେ ୨୧୯ଜଣଙ୍କୁ ନୋଟିସ ଦେଇ ଛଡ଼ାଯାଇଛି। କଟକରେ ୧୪୪ ଜଣ ଗିରଫ ହୋଇଥିବାବେଳେ ୩୩୯ ଜଣଙ୍କୁ ନୋଟିସ ଦେଇ ଛଡ଼ାଯାଇଛି। କଳାହାଣ୍ଡିରେ ୨୨ଜଣଙ୍କୁ ଗିରଫ କରାଯାଇଥିବାବେଳେ ୫୦୧ ଜଣଙ୍କୁ ନୋଟିସ ଦେଇ ଛଡ଼ାଯାଇଛି। ଢ଼େଙ୍କାନାଳରେ ୭୪ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୩୧୦ ଜଣଙ୍କୁ ନୋଟିସ ଦେଇ ଛଡ଼ାଯାଇଛି। ସେହିଭଳି ଅନୁଗୁଳରେ ୧୪୫ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୩୫୫ଙ୍କୁ ନୋଟିସ ଦିଆଯାଇ ଛଡ଼ାଯାଇଛି। ଏନେଇ କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଛି ଯେ ପୂର୍ବରୁ ମଧ୍ୟ ଥାନା କର୍ମଚାରୀଙ୍କୁ ସଚେତନ କରିବା ପାଇଁ ନୋଟିସ ହୋଇଥିଲା। ଏହାକୁ ପୁଣି ଥରେ କରାଯାଇଛି। ସିଆପିସି ସଂକ୍ରାନ୍ତ ମାମଲା ଦିନକୁ ଦିନକ ବଢୁଥିଲାବେଳେ ନ୍ୟାୟ ଉପରେ ମଧ୍ୟ ଏନେଇ ଏକ ପ୍ରକାର ବୋଝ ବୃଦ୍ଧି ପାଉଛି ତେଣୁ ଏ କ୍ଷେତ୍ରରେ ସଚେତନତା ବଢୁ ଓ ଲୋକମାନେ ନ୍ୟାୟ ପାଆନ୍ତୁ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ବହିର ସଂରକ୍ଷଣ ସହ ପଠନ ଲୋଡ଼ା, ପାଠକମାନଙ୍କୁ ବହିମନସ୍କ କରିବାର ଅଭିଯାନ ଆରଂଭ ହେଉ

ଖୋର୍ଦ୍ଧା (ପିଏନ୍): ଦିନକୁ ଦିନ ବହିର ଆଦର କମି ଯାଉଥିବାବେଳେ ଲୋକମାନଙ୍କୁ ବହିମନସ୍କ କରିବା ପାଇଁ ଆରଂଭ ହୋଇଛି ମନୋରଞ୍ଜନ ମିଶନ ପାଠାଗାର। ବଣିଆଟାଙ୍ଗୀ ରୋହିଣୀ ଭିଲ୍ଲାରେ ବରିଷ୍ଠ ସାହିତ୍ୟିକ ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ ମନୋରଞ୍ଜନ ଦାସଙ୍କ ଉଦ୍ୟମରେ ସ୍ଥାପିତ ଏହି ପାଠାଗାରକୁ ଐତିହାସିକ ସତ୍ୟବାଦୀ ବଳିଆରସିଂହ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ଅଂଚଳର ପାଠକମାନଙ୍କ ପଠନ ପିପାସା ପାଇଁ ଏହି ପାଠାଗାର ସହାୟକ ହେବ ବୋଲି ସେ ମତ ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଗାଳ୍ପିକ ସୁନୀଲ ବୋଷ, ଡା. ରାସବିହାରୀ ପତି, ଓଡ଼ିଆ ଜାତୀୟ ସମ୍ମିଳନୀର କାର୍ଯ୍ୟକାରୀ ସଭାପତି ଶ୍ରୀକାନ୍ତ ଦାଶ, ସାଧାରଣ ସଂପାଦକ ନିରାକାର ବେଉରା, ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ସନ୍ତୋଷ କୁମାର ଜେନା, ପ୍ରଭାତନଳିନୀ ପତି ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷା, ସାହିତ୍ୟର ସମୃଦ୍ଧି ପାଇଁ ବହିର ସଂରକ୍ଷଣ ସହ ପଠନ ଆବଶ୍ୟକ ବୋଲି ମତ ଦେଇଥିଲେ। ବିଶ୍ୱାତ୍ମା ପ୍ରକାଶନୀ ପକ୍ଷରୁ ସ୍ତଂଭକାର ସମରେନ୍ଦ୍ର ବଳିଆରସିଂହ ପାଠାଗାରକୁ କିଛି ପୁସ୍ତକ ଦାନ କରି ଇଂରାଜୀମାଧ୍ୟମ ପିଲାମାନଙ୍କୁ ବହିମନସ୍କ କରିବା ପାଇଁ ଉଦ୍ୟମ ହେଉ ବୋଲି ମତ ଦେଇଥିଲେ। ମନୋରଞ୍ଜନ ମିଶନ ଟ୍ରଷ୍ଟ ପକ୍ଷରୁ ଏହି ପାଠାଗାର ପରିଚାଳିତ ହେଉଥିବାବେଳେ ସଂପ୍ରତି ଏଠାରେ ୫ହଜାରରୁ ଉର୍ଦ୍ଧ୍ୱ ବହି ଥିବାବେଳେ ଭବିଷ୍ୟତରେ ଏହାକୁ ଆହୁରି ବ୍ୟାପକ କରାଯିବ ବୋଲି ପ୍ରତିଷ୍ଠାତା ମନୋରଞ୍ଜନ ଦାସ ମତ ଦେଇଥିଲେ। ଆଲ୍ପନା ମହାନ୍ତି ଓ ଇନ୍ଦିରା ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ପ୍ରତୀକ୍ଷା-୨ ଶିବିରର ଉଦ୍‌ଯାପନ



ଭୁବନେଶ୍ୱର (ପିଏନ୍): ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଓ ଗାଇଡ୍‌ସ୍ ଦ୍ୱାରା ଗତ ୨୧ତାରିଖରୁ ଆରମ୍ଭ ହୋଇଥିବା ପ୍ରତୀକ୍ଷା-୨ ଶିବିର ଏକ ବର୍ଣ୍ଣାଢ଼୍ୟ ଉତ୍ସବ ମାଧ୍ୟମରେ ଉଦ୍‌ଯାପନ ହୋଇଯାଇଛି। ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି ଡଃ କାଳି ପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ରାଜ୍ୟ ସ୍କାଉଟ୍‌ର ସଭାପତି ତଥା ମାନ୍ୟବର ବିଧାୟକ ଶ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ ପିଲାମାନଙ୍କର ବ୍ୟକ୍ତିତ୍ୱ ଏବଂ ପାଠପଢ଼ା ଉପରେ କିପରି ସୁପ୍ରଭାବ ପକାଇଥାଏ, ତା'ର ବର୍ଣ୍ଣନା କରିଥିଲେ। ଉତ୍ସବରେ ଅଧ୍ୟକ୍ଷତା କରି ଶ୍ରୀଯୁକ୍ତ ମିଶ୍ର କରୋନାର ପରବର୍ତ୍ତୀ କାଳରେ ଏହି ଶିବିର ପିଲାମାନଙ୍କ ନିମନ୍ତେ କିପରି ଏକ ମାର୍ଗଦର୍ଶକ ଭାବରେ କାମ କରିପାରିବ ତା'ର ରୂପରେଖ ପ୍ରସ୍ତୁତି ବିଷୟରେ ବ୍ୟାଖ୍ୟା କରିଥିଲେ। ସମ୍ମାନୀତ ଅତିଥି ଭାବରେ ମାଧ୍ୟମିକ ବୋର୍ଡ ଉପସଭାପତି ଶ୍ରୀ ନିହାର ରଂଜନ ମହାନ୍ତି ଏବଂ ଶିକ୍ଷା ନିର୍ଦ୍ଦେଶକ ଶ୍ରୀ ବୃନ୍ଦାବନ ଶତପଥୀ ଯୋଗ ଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିରରେ ଓଡ଼ିଶାର ୧୫ଟି ଜିଲ୍ଲାରୁ ୫୧୩ଜଣ ସ୍କାଉଟ୍, ଗାଇଡ୍, ସ୍କାଉଟ୍ ମାଷ୍ଟର ଓ ଗାଇଡ୍ କ୍ୟାପଟେନ୍ ଯୋଗ ଦେଇ ଶିବିରର ବିଭିନ୍ନ ଦିବସରେ



ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମ ଯଥା ଶାରୀରିକ କ୍ରୀଡ଼ା କୌଶଳ, ସାମରିକ କ୍ରୀଡ଼ା, କଲରପାର୍ଟି, ଦଳଗତ ନୃତ୍ୟ, ବକ୍ତୃତା, ଫୁଡ଼ଭିଲ୍ଲା, ର୍ୟାମ୍ପ ୱାକ୍, କୌତୁକ ପୋଷାକ ପରିଧାନ, ଯୋଗାସନ, ବିପି, କ୍ରୀଡ଼ା କୌଶଳ ପ୍ରଭୃତି ପ୍ରତିଯୋଗିତାରେ ଭାଗ ନେଇଥିଲେ। ପିଲାମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାର ପ୍ରଦର୍ଶନ ସହିତ ସେମାନଙ୍କର ପୂର୍ଣ୍ଣାଙ୍ଗ ବିକାଶ ନିମନ୍ତେ ଶିବିର ବିଭିନ୍ନ ଦିବସରେ ବିଭିନ୍ନ ଅତିଥିମାନେ ଆସି ଯୋଗଦାନ କରି ପିଲାମାନଙ୍କୁ ବିଭିନ୍ନ ପ୍ରକାର ସଦ୍ ଉପଦେଶ ପ୍ରଦାନ କରିଥିଲେ। ଅପରାହ୍ଣ ୪ଟା ସମୟରେ ମାନସିକ ସ୍ନାୟୁ ରୋଗ ବିଶେଷଜ୍ଞ ଡଃ ପ୍ରଣବ ମହାପାତ୍ର ଯୋଗଦାନ କରି ପିଲାମାନଙ୍କର ମାନସିକ ବିକାଶ ଉପରେ ଗୁରୁତ୍ୱ ଦେଇ ଭବିଷ୍ୟତରେ ଭଲ ନାଗରିକ ହେବା ସେ ବିଷୟରେ ଆଲୋକପାତ କରିଥିଲେ। ଅତିଥିମାନେ ବିଭିନ୍ନ ଜିଲ୍ଲା ଦ୍ୱାରା ଆୟୋଜିତ "ଗ୍ରାମ୍ୟ ବଜାର"ରେ ବୁଲି କିଣାକିଣି କରିବା ସହିତ ବିଭିନ୍ନ ସ୍ୱାଦର ଖାଦ୍ୟପଦାର୍ଥକୁ ଉପଭୋଗ କରିଥିଲେ। ରାଜ୍ୟ ଗାଇଡ୍ ସଂଗଠିକା ତଥା ପ୍ରଶାସନିକ ଅଧିକାରୀ ଶ୍ରୀମତୀ ଅନାମିକା ଦାସଙ୍କ ନେତୃତ୍ୱରେ ଏହି ଶିବିର ପରିଚାଳିତ ହୋଇଥିଲା। ରାଜ୍ୟ କୋଷାଧ୍ୟକ୍ଷ ଶ୍ରୀ ଭବାନୀ ପ୍ରସାଦ ମିଶ୍ର ରାଜ୍ୟ ଯୁଗ୍ମ ସଂପାଦକ ଶ୍ରୀ ମିହିର ରଂଜନ ପଟ୍ଟନାୟକ, ରାଜ୍ୟ ସ୍କାଉଟ୍ ତାଲିମ କମିସନର ଶ୍ରୀ ସୁରଜିତ ସେନ, ରାଜ୍ୟ ଗାଇଡ୍ ତାଲିମ କମିସନର ପ୍ରିୟଦର୍ଶିନୀ ମହାପାତ୍ର ଓ ରାଜ୍ୟ ମୁଖ୍ୟାଳୟର ଅନ୍ୟାନ୍ୟ କର୍ମକର୍ତ୍ତା ପ୍ରଭୃତି ସହଯୋଗ କରିଥିଲେ। ପରିଶେଷରେ ରାଜ୍ୟ ସଂପାଦକ ଶ୍ରୀ ଶରତ ଚନ୍ଦ୍ର ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ।




# ବାଲିଘାଟ ନିଲାମ ବନ୍ଦ ପାଇଁ ହାଇକୋର୍ଟରେ ମାମଲା

କୋରେଇ, (ପିଏନ)- ଯାଜପୁର ଜିଲ୍ଲା କୋରାଇ ବ୍ଲକ ମୂଳାପାଳ ପଂଚାୟତ ଅନ୍ତର୍ଗତ ରଣପାଳ ଓ ଧନତ୍ରୀ ମୌଜାର ବୈତରଣୀ ନଦୀରେ ବାଲିଘାଟ ନିଲାମ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ନକରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ତହସିଲଦାରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଥିଲା । ପରେ ଦୁଇ ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ବନ୍ଦ କରିବା ନେଇ ଗ୍ରାମବାସୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଏନେଇ ଡବ୍ଲୁ ପି. (ସି) ୨୨୭୨୫ରେ ମାମଲା ରୁଜୁ କରାଯାଇଛି । ବୈତରଣୀ ନଦୀର ଏହି ବାଲିଘାଟ ନିଲାମ ଦ୍ୱାରା ନଦୀବନ୍ଧ ପ୍ରତି ବିପଦ ସହ ବନ୍ୟାପ୍ଲାବିତ ଏହି ପଂଚାୟତର କ୍ଷିରୋ, ସରସଦା ଧନତ୍ରୀ, ଗୋବିନ୍ଦପୁର, ରଣପାଳ ସମେତ ଅନେକ ଗ୍ରାମ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ତେଣୁ ବିପଦ ଦୃଷ୍ଟିରୁ ଏହି ନିଲାମ ବନ୍ଦ କରିବାକୁ ଅଭିଯୋଗରେ ଦର୍ଶାଯାଇଛି । ଏହା ସହିତ ନଦୀ ପଠାରେ ଥିବା ବିଭିନ୍ନ ଦେବାଦେବୀ ମନ୍ଦିର କ୍ଷତିଗ୍ରସ୍ତ ହେବ ।

ଏନେଇ ରଣପାଳ ଗ୍ରାମର କିଶୋର ଚନ୍ଦ୍ର ପାଳ, କାର୍ତ୍ତିକ ଚନ୍ଦ୍ର ପଣ୍ଡା, ଅଭିମନ୍ୟୁ ପାଳ, ଉପେନ୍ଦ୍ର ବେହେରା, ପ୍ରତାପ ମଲ୍ଲିକ, ଦୁର୍ଗାପ୍ରସାଦ ପଣ୍ଡା ପ୍ରମୁଖ ଓଡିଶା ସରକାର ପଂଚାୟତରାଜ ପ୍ରିନିସପାଲ ସେକ୍ରେଟାରୀ, ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରିନିସିପାଲ ସେକ୍ରେଟାରୀ, କଲେକ୍ଟର ଯାଜପୁର, ସବକଲେକ୍ଟର ଯାଜପୁର ଓ ତହସିଲଦାରଙ୍କୁ ପକ୍ଷଭୁକ୍ତ କରାଯାଇ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି । ପରବର୍ତ୍ତି ଶୁଣାଣୀ ପର୍ଯ୍ୟନ୍ତ ନିଲାମ ବନ୍ଦ କରିବାକୁ ହାଇକୋର୍ଟ ଜିଲ୍ଲାପାଳ ଯାଜପୁରଙ୍କୁ ଅବଗତ କରିଛନ୍ତି ।

# ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଙ୍କୁ ପଦୋନ୍ନତି

କଣାସ, (ପିଏନ)- ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପକ୍ଷରୁ ହାଇସ୍କୁଲ ଶିକ୍ଷକମାନଙ୍କର ପଦୋନ୍ନତି ସମ୍ପର୍କିତ ସରକାରୀ ତାଲିକା ପ୍ରକାଶ ପାଇଛି । କିନ୍ତୁ ଏହି ତାଲିକାର ସଠିକତା ନେଇ ବୁଦ୍ଧିଜୀବି ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କାରଣ ଏହି ତାଲିକାରେ କଣାସ ବ୍ଲକରୁ ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣେ ୯ ମାସ ହେଲା ଅବସର ନେଇଯାଇଥିବା ବେଳେ ସେମାନଙ୍କୁ ପଦୋଉନ୍ନତି ଦିଆଯାଇଥିବା ଜଣାପଡିଛି । ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚିଠି ନଂ- ୧୯୦୭୦ ତାରିଖ ୧୧.୦୯.୨୦୨୦ରିଖରେ ପୁରୀ ଜିଲ୍ଲାର ୯୨ ଜଣ କନିଷ୍ଠ ବର୍ଗ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ପଦୋନ୍ନତି ମିଳିଛି । ଉପୋଉନ୍ନତି ସାଙ୍ଗକୁ ସେମାନଙ୍କୁ ସେହି ବିଦ୍ୟାଳୟ ଅଥବା ଅନ୍ୟ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି । କିନ୍ତୁ, ଏହି ତାଲିକାର କ୍ରମିକ ନଂ-୫୮ରେ ଥିବା ଜମ୍ନେଶ୍ୱର ସାମନ୍ତରାୟ ଗଡସାନପୁଟ ହାଇ ସ୍କୁଲରୁ ଗତ ଜାନୁଆରି ମାସରେ ଅବସର ନେଇଯାଇଥିବା ବେଳେ ସେହି ତାଲିକାର କ୍ରମିକ ନଂ-୬୧ରେ ଥିବା କାଦୁଆଖାଟ ଏକାଡେମୀର ରମେଶ ଚନ୍ଦ୍ର ମିଶ୍ର ଗତ ବର୍ଷ ମଇ ମାସରେ ଆରପାରିକୁ ଚାଲିଗଲେଣି । ଅବସର ନେବା ୮ମାସ ଅଥବା ମୃତର ଦେଢ ବର୍ଷପରେ ସରକାରୀ ନିର୍ଦ୍ଦେଶାନାମା ଅନୁଯାୟୀ ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଦ୍ୱୟ କିପରି ଦାୟିତ୍ୱ ଗ୍ରହଣ କରିବେ ଏହାକୁ ହିଁ ବୁଦ୍ଧିଜୀବିମାନେ ଅପେକ୍ଷା କରିରହିଛନ୍ତି ।

# ମହିଳା ସାଥି ନିଯୁକ୍ତି ବାତିଲ୍ ନହେଲେ ଆନ୍ଦୋଳନ କରିବେ ଗାଁ ସାଥି

କେନ୍ଦ୍ରାପଡା, (ପିଏନ)- ନିଖିଳ ଓଡିଶା ଗାଁ ସାଥି ସଂଘ କେନ୍ଦ୍ରାପଡା ଶାଖା ପକ୍ଷରୁ ମହିଳା ସାଥି ନିଯୁକ୍ତି ବାତିଲ୍ ପାଇଁ ଦାବି କରାଯାଇଛି । ନିଯୁକ୍ତି ବାତିଲ୍ କରା ନଗଲେ ଚଳିତ ମାସ ୧୮ ତାରିଖରେ ଜିଲ୍ଲାପାଳ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ କରାଯିବ ବୋଲି ଜିଲ୍ଲା କମିଟି କର୍ମକର୍ତ୍ତା ମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି । ସ୍ମାରକପତ୍ରର ଦାବି ମୁତାବକ ଏମ ନରେଗା କାର୍ଯ୍ୟ ପରିଚାଳନା ପାଇଁ ରାଜ୍ୟ ସରକାର ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ଦୁଇ ଜଣ ଉଚ୍ଚ ଶିକ୍ଷିତ ଗାଁ ସାଥିଙ୍କୁ ନିଯୁକ୍ତି ଦେଇଥିଲେ । ଚୁକ୍ତି ମୁତାବକ ସେମାନଙ୍କୁ ଥଇଥାନ କରା ନଯାଉଣୁ ପୁନର୍ବାର ପ୍ରତ୍ୟେକ ଗ୍ରାମରେ ଦୁଇଜଣ ମହିଳାଙ୍କୁ ନିଯୁକ୍ତି ଦେବାପାଇଁ ବିଜ୍ଞାପନ ବାହାର କରାଯାଇଛି । ଏହାକୁ ତୁରନ୍ତ ପ୍ରତ୍ୟାହର କରିବା ପୂର୍ବରୁ ଥିବା ଗାଁ ସାଥି ମାନଙ୍କୁ ତାଲିମ୍ ପ୍ରଦାନ କରି ଖାଲିଥିବା ସରକାରୀ ଚାକିରୀରେ ନିଯୁକ୍ତି ଥିବା, ପ୍ରତ୍ୟେକ ଗ୍ରାମରେ ପ୍ରବାସୀ ଶ୍ରମିକ ଓ ବେକାର ଯୁବକ ଯୁବତୀଙ୍କୁ ୨୦୦ ଦିନର କାମ ଯୋଗାଇ ଦେବା ପ୍ରଭୃତି ୫ ଦଫା ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ପ୍ରଦାନ କରାଯାଇଛି । ସଂଘର ଉପଦେଷ୍ଟା ଆଇନଜୀବି ରମଣୀ ରଞ୍ଜନ ରାଉତରାୟ, ସଭାପତି ପ୍ରମିଳା ସାମଲ, କ୍ଷିରୋଦ କୁମାର ଖଟୁଆ, ନିତ୍ୟ ସୁନ୍ଦର ଜେନା, ଉପେନ୍ଦ୍ର ସାହୁ, ମୁକୁନ୍ଦ ମହାପାତ୍ର, ରବିନ୍ଦ୍ର ରାଉତ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

# ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ । ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀକୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା । ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ । ପରବର୍ତ୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା । ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା । ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ । କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି । ମୃତ ସରସ୍ୱତୀକୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରୀ କରାଯାଇଛି ।

# ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି ।ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଟା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ । ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ । ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା । ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା । ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି । ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତ୍ତି କରିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି । ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି ।

# କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଲ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୁତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ, ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତ୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ । ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୁର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

# ଆଶାସାଥି ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କେନ୍ଦ୍ରାପଡା,(ପିଏନ)-ଭାରତୀୟ ମଜଦୁର ସଂଘ ସଂଲଗ୍ନ ରାଜ୍ୟ ଆଶାସାଥି ସଂଘ କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ୮ଦଫା ଦାବି ପୂରଣ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ଭାରତୀୟ ମଜଦୁର ସଂଘର ଜିଲ୍ଲା ସଭାପତି ପ୍ରଭାତ ପାଣି, ସଂପାଦକ ପ୍ରଶାନ୍ତ କୁମାର ତ୍ରିପାଠୀ ଓ ଅରୁଣ କୁମାର ସିଂହଙ୍କ ସମେତ ଆଶାସାଥି ସଭାପତି ମଞ୍ଜୁଲତା ସାମଲ, ସଂପାଦିକା ରାଜଲକ୍ଷ୍ମୀ ସୁତାର, ମଧୁସ୍ମିତା ଓଝା, ସୁଜାତା ରାଉତ ଓ ମନୋରମା ମହାପାତ୍ର ପ୍ରମୁଖ ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ଦାବି ଗୁଡିକ ମଧ୍ୟରୁ ଆଶାସାଥି ମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ, କେନ୍ଦ୍ର ସରକାରଙ୍କ ଘୋଷଣା ଅନୁଯାୟୀ ମାସିକ ୬ ହଜାର ଟଙ୍କା ପ୍ରଦାନ, ସାଥି ମାନଙ୍କ ପାଇଁ ଡ୍ରେସ୍ କୋଡ ଲାଗୁ କରିବା ଓ ସୁରକ୍ଷା ପ୍ରଦାନ କରିବା ଆଦି ପ୍ରମୁଖ ଦାବି ରହିଛି ।

# ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକ ତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।

# ବ୍ୟାଙ୍କ ଏଟିଏମ ଭାଙ୍ଗି ଲୁଟ ଉଦ୍ୟମ ବିଫଳ,୮ ଜଣକୁ ଗିରଫ କଲା ପୋଲିସ

ବାଲେଶ୍ୱର,(ପି.ଏନ) : ବାଲେଶ୍ୱର ରେମୁଣା ଥାନା ଅନ୍ତର୍ଗତ ଦୁର୍ଗାଦେବି ଅଞ୍ଚଳରେ ଥିବା ବ୍ୟାଙ୍କର ଏଟିଏମ ଭାଙ୍ଗି ଲୁଟ କରିବା ଅଭିଯୋଗରେ ବାଲେଶ୍ୱର ପୋଲିସ ୮ ଜଣ କୁ ଗିରଫ କରିଛି ।ଗିରଫ ଅଭିଯୁକ୍ତ ହେଲେ ସଞ୍ଜୟ କୁମାର ଜେନା, କାଳନ୍ଦୀ ବୈଇଠା,ରାକେଶ କୁମାର ସାହୁ,ଧର୍ମେନ୍ଦ୍ର ବାରିକ ଚ୍ାନ୍ଦିପୁର ଅଞ୍ଚଳର ହୋଇଥିବା ବେଳେ ଅନ୍ୟ ଚ୍ାରି ଜଣ ଧର୍ମପଦ ଦାସ ଓ ମନୋରଞ୍ଜନ ନାୟକ ମୟୁରଭଞ୍ଜର ହୋଇଥିବା ବେଳେ ବାଦଲ ମାଝୀ ଏବଂ ବିଜୟ ଦାସ ରେମୁଣା ଅଞ୍ଚଳର ବୋଲି ଏକ ସାମ୍ବାଦିକ ସମିଳନୀରେ ସୂଚ୍ନା ଦେଲେ ଏସ୍ପି ସାଗରୀକା ନାଥ । ସୂଚ୍ନା ଅନୁଯାୟୀ ବାଲେଶ୍ୱରର ବିଭିନ୍ନ ଅଞ୍ଚଳରେ ଏଟିଏମ ଲୁଟ ଏବଂ ଗତ ୪ ତାରିଖରେ ରେମୁଣାର ଦୁର୍ଗାଦେବି ଅଞ୍ଚଳରେ ଥିବା ଏଟିଏମରୁ ଟଙ୍କା ଲୁଟ କରିବାରେ ବିଫଳ ହୋଇଥିଲେ ଏକ ଏଟିଏମଟି ମେସିନକୁ କାଟି ଚୋରି ଟଙ୍କା ଚୋରି ଉଦ୍ୟମ କରିଥିବା ବେଳେ ଟଙ୍କା କାଢି ପାରି ନପାରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ ସେହିପରି ରସାଳ ପୁର ଅଞ୍ଚଳ ରେ ମଧ୍ୟ ଘଟିଥିବା ବେଳେ ଖବର ପୋଲିସ ତଦନ୍ତ କରିବା ସହ ୮ଜଣ ଯୁବକ ଗିରଫ କରିବା ସହ ସେମାନଙ୍କ ଠାରୁ ବ୍ଲାକ ସ୍କ୍ରେ, କଟର ପାଇପ,ଅକ୍ସଜେନ ରେଗୁଲେଟର, ଗୋଟିଏ ମଟର ସାଇକେଲ, କ୍ରୋବାର, ସାତଟି ତେଲେଙ୍ଗା କଟୁରୀ ଓ ସାତଟି ମୋବାଇଲ ଜବତ କରିଛି ।ଏହି ସାମ୍ବାଦିକ ସମିଳନୀ ରେ ସଦର ଏସଡିପିଓ ଶଶାଙ୍କ ଶେଖର ବେଉରିଆ, ସଦର ଥାନାଅଧିକାରୀ,ରେମୁଣା ଥାନା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ




# ଖେଳ

# ପର୍ଯ୍ୟବେକ୍ଷକ 25

ସାଧାରଣ ଲୋକଙ୍କ ଖବରକାଗଜ

PARYABEKHYAK

ପର୍ଯ୍ୟବେକ୍ଷକ

Bhubaneswar Friday January 19 ଭୁବନେଶ୍ୱର ଶୁକ୍ରବାର, ଜାନୁଆରୀ ୧୯,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## କୁକୁଡାଖଣ୍ଡି ବିକଶିତ ଭାରତ ସଂକଳ୍ପ ଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ

କୁକୁଡ଼ାଖଣ୍ଡି (ଇପିଲି ପୂର୍ଣ୍ଣଚନ୍ଦ୍ର),(ପି.ଏନ): କୁକୁଡ଼ାଖଣ୍ଡି ବ୍ଲକ୍ ଅନ୍ତର୍ଗତ କୁକୁଡ଼ାଖଣ୍ଡି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଅପରାହ୍ନ ସମୟ ରେ 'ବିକଶିତ ଭାରତ ସଂକଳ୍ପ' ଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। । ପ୍ରଥମ ଥର ପାଇଁ ଗରିବଙ୍କୁ ସୁରକ୍ଷା ସହିତ ସମ୍ମାନ ମିଳିଛି । ବହୁ ଦଶନ୍ଧି ଧରି ନିଜକୁ ଦେଶର ବିକାଶ ଉପରେ ରେ ବୋଝ ବୋଲି ଭାବିବା ପାଇଁ ଯେଉଁ ଲୋକ ମାନ ଙ୍କୁ ବାଧ୍ୟ କରାଯାଉଥିଲା ସେମାନେ ଆଜି ଦେଶର ବିକାଶକୁ ତ୍ୱରାନ୍ୱିତ କରୁଛନ୍ତି ବୋଲି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟେଲିଭିଜନ ମାଧ୍ୟମରେ ଜଣାଇଥିଲେ। ଏହି କାର୍ଯ୍ୟକ୍ରମ ରେ କୁକୁଡାଖଣ୍ଡି ପଞ୍ଚାୟତ ର ପ୍ରାୟ ତିନିଶହ ରୁ ଉର୍ଦ୍ଧ୍ୱ ପଞ୍ଚାୟତ ବାସି ଯୋଗଦେଇ କେନ୍ଦ୍ର ସରକାରଙ୍କର ବିଭିନ୍ନ ଜନହିତକର ଯୋଜନା ଉପରେ ଆଲୋକପାତ କରାଯାଇଥିଲା ଓ ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଆଇଆରଏସ ଶ୍ରୀ ଗଙ୍ଗାଧର ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । କୁକୁଡାଖଣ୍ଡି ବ୍ଲକ ବିଡ଼ିଓ ଶ୍ରୀମତୀ ପଲ୍ଲବୀ ସ୍ୱାଇଁ ଅତିଥି ମାନଙ୍କ ପରିଚୟ ଏବଂ ସ୍ୱାଗତ ଭାଷଣ କରିଥିଲେ । ଏହି




ଅବସରରେ ଏପିଡି ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କୁକୁଡାଖଣ୍ଡି ତହସିଲଦାର ଶ୍ରୀ ସପନ କୁମାର ସାହୁ, ଜୋନ୍ ନମ୍ବର ୮ ଜିଲ୍ଲା ପରିଷଦ ଶ୍ରୀ ଶିବାନୀ ସେଠୀ, ସ୍ଥାନୀୟ ସରପଞ୍ଚ ବନ୍ଦନା ସେଠୀ, , ଡ଼ା.ଗୀତି ମୟା ପଟ୍ଟନାୟକ, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ପ୍ରଧାନ, ସିଡିପିଓ ଶ୍ରୀ କୁସୁମ କୁମାରୀ ସାହୁ, କୃଷି ଅଧିକାରୀ ପ୍ରସନ୍ନ କୁମାର ସ୍ୱାଇଁ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଶୋକ କୁମାର ପଟ୍ଟନାୟକ, ସୁପରଭାଇଜରେ ଲିଜା ସେଠୀ ,ଏଏନ ଏମ କେ . କିଷ୍ଣ କୁମାରୀଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମାନେ ଉପସ୍ଥିତ ରହିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ, ଏଏନଏମ, ଏମବିକେ, ସିଆରପି ସମେତ ବହୁ ଗ୍ରାମବାସୀ ଉପସ୍ଥିତ ରହିଆସିଥିଲେ।

## କୋରାପୁଟ ଲୋକସଭା ପାଇଁ ସଂଯୋଜକ ହେଲେ ପୀତବାସ ପଣ୍ଡା

କୁକୁଡାଖଣ୍ଡି (ଇପିଲି ପୂର୍ଣ୍ଣଚନ୍ଦ୍ର), (ପି.ଏନ):ପ୍ରଦେଶ କଂଗ୍ରେସ କମିଟିର ମୁଖପାତ୍ର ,ପିସିସି ସଭ୍ୟ ତଥା ରାଜ୍ୟ ଆଇନଜୀବି ପରିଷଦ ସଦସ୍ୟ ପୀତବାସ ପଣ୍ଡାଙ୍କୁ କୋରାପୁଟ ଲୋକସଭା ଆସନ ପାଇଁ ସଂଯୋଜକ ଭାବରେ ଅଖିଳ ଭାରତୀୟ କଂଗ୍ରେସ କମିଟି ପକ୍ଷରୁ ନିଯୁକ୍ତି ଦିଆ ଯାଇଅଛି । ଆସନ୍ତା ୨୦୨୪ ସଧାରଣ ନିର୍ବାଚନ ପରିପ୍ରେକ୍ଷୀରେ କୋରାପୁଟ ଲୋକସଭା ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ଉତ୍ତମ ପ୍ରଦର୍ଶନ ଓ ନିର୍ବାଚନ ସଂଯୋଜନା କରିବା ପାଇଁ ଦିଆଯାଇଥିବା ଏହି ଦାଇତ୍ୱକୁ ଶ୍ରୀ ପଣ୍ଡା ସୁଚାର ରୂପେ ତୁଲାଇବେ ବୋଲି ସୂଚନା ଦେଇଛନ୍ତି। ଏହି ନିଯୁକ୍ତି ପାଇଁ ଶ୍ରୀ ପଣ୍ଡା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ଧର୍ମଶାଳା ଅଂଚଳରେ ଜଙ୍ଗଲୀ ହାତୀ, ଲୋକେ ଆତଙ୍କିତ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ୍ ଅଂଚଳକୁ ମଙ୍ଗଳବାର ରାତିରେ ଏକ ବଣୁଆ ଦନ୍ତା ହାତୀ ପସି ଆସିଛି । ଯାହାକୁ ନେଇ ସମଗ୍ର ଅଂଚଳବାସୀ ଆତଙ୍କିତ ହୋଇପଡିଛନ୍ତି । ସୂଚନା ମୁତାବକ ବୈରୀସ୍ଥିତ ଡାଳିଯୋଡା ବନାଂଚଳ ଅଧିନରେ ରହିଥିବା ଜଙ୍ଗଲରେ ଚଳପ୍ରଚଳ କରୁଥିବା ଦନ୍ତା ହାତିଟି ପଲରୁ ଅଲଗା ହୋଇ ଗତକାଲି ରାତିରେ ଆରୁହା ନିକଟରେ ରେଳ ଲାଇନକୁ ପାର ହୋଇ ନାକପୋଲ,କଣିପାଟିଆ ଦେଇ ଜାରକା ନିକଟସ୍ଥ କାଜୁ ଜଙ୍ଗଲରେ ଦିନତମାମ ରହିଛି । ହାତୀଟି ପଲ ଛଡି ଏକୁଟିଆ ଜନବସତୀ ଆଡକୁ ପଳାଇ ଆସିଥିବାରୁ ସ୍ଥାନୀୟ ଲୋକେ ଆତଙ୍କିତ ହୋଇପଡିଛନ୍ତି । ହାତିଟି ଦେଉଳି ପାହାଡସ୍ଥିତ କାଜୁ ଜଙ୍ଗଲରେ ରହିଥିବା ବେଳେ ବନ ବିଭାଗର କର୍ମଚାରୀ ମାନେ ଆଜି ଦିନ ତମାମ ପାହାଡର ଚତୁର୍ପାଶ୍ୱରେ ଜଗିରହି ହାତୀର ଗତିବିଧି ଉପରେ ଲକ୍ଷ ରଖିଥିଲେ । ସେହିପରି ବନ ବିଭାଗ ପକ୍ଷରୁ ହାତୀ ପଶି ଆସିଥିବାରୁ ଲୋକମାନଙ୍କୁ ସତର୍କ ରହିବା ପାଇଁ ଡାକବାଜି ଯନ୍ତ୍ର ମାଧ୍ୟମରେ ନିବେଦନ କରାଯାଇଥିଲା । ହାତିଟି ଭୋର ସମୟରେ ନାକପୋଲ ଠାରେ ଥିବା ଏକ ସିମେଂଟ କାରଖାନାର ଗେଟ ଭାଙ୍ଗିଥିଲା । ଏହା ପରେ ହାତିଟି ଜନବସତୀ ଆଡକୁ ପଳାଇ ଆସିଥିବା ନେଇ କାରଖାନାର ମାଲିକ ଜଙ୍ଗଲ ବିଭାଗକୁ ଖବର ଦେଇଥିଲେ ସକାଳୁ ଗଡମଧୁପୁର ବନବିଭାଗର ଫରେଷ୍ଟର, ଡାଳିଯୋଡା ରେଂଜର ହିମାଂଶୁ ଶେଖର ପୃଷ୍ଟି, ଫରେଷ୍ଟର ମାଣିକ ମୁଣ୍ଡା, ଚୌଦୁଆର ଫରେଷ୍ଟର ପୂର୍ଣ୍ଣଚନ୍ଦ୍ର ମହାନ୍ତି ନିଜ ସହକର୍ମୀମାନଙ୍କ ସହ ଦେଉଳି ପାହାଡ ଅଂଚଳରେ ପହଁଚି ହାତିର ଗତିବିଧି ଉପରେ ଲକ୍ଷ ରଖିଛନ୍ତି । ବଣୁଆ ହାତୀଟି ପ୍ରଥମ କରି ଧର୍ମଶାଳା ଅଂଚଳକୁ ପଶି ଅସିଥିବାରୁ ଲୋକମାନେ ଭତଭିତ ହୋଇପଡିଥିବା ବେଳେ ବନବିଭାଗ ପକ୍ଷରୁ ଧର୍ମଶାଳା ପୁଲିସର ସହାୟତା ଲୋଡାଯାଇଥିଲା । ଧର୍ମଶାଳା ପୁଲିସର କର୍ମଚାରୀମାନେ ଦେଉଳିପାହାଡରେ ଆଜି ହାତୀକୁ ଜଗିବା ସହିତ ଜଙ୍ଗଲ ଭିତରକୁ ପ୍ରବେଶ ନକରିବାକୁ ଲୋକମାନଙ୍କୁ ବାରଣ କରିଥିଲେ । ହାତୀ ଆସିବା ଫଳରେ ଜାରକା ଅଂଚଳରେ ଦିନତମାମ ବିଦ୍ୟୁତ ସରବରାହ ବନ୍ଦ ରହିଛି । ଆଜି ଅପରାହ୍ନରେ କାଟକ ଏସିଏଫ ଅନିଲ କୁମାର ରାୟ ସେଠାରେ ପହଁଚି ରେର ଓ ବନବିଭାଗର ଅନ୍ୟ କର୍ମଚାରୀମାନଙ୍କ ସହ ଆଲୋଚନା କରିବା ସହ ରାତିରେ ହାତିକୁ ତାର ବାସସ୍ଥଳି ବୈରୀ ଜଙ୍ଗଲକୁ ଘଉଡାଇ ନିଆଯିବ ବୋଲି କହିଥିଲେ ।

## ଭୁବନେଶ୍ୱରରେ ନୃତ୍ୟ ଉପାସନା ପୀଠ ପକ୍ଷରୁ 'ଭିନ୍ନ ପ୍ରୟାସ'

ଭୁବନେଶ୍ୱର: ଦିବ୍ୟାଙ୍ଗମାନଙ୍କ ମଧ୍ୟରେ ଥିବା ପ୍ରତିଭାକୁ ପ୍ରଦର୍ଶନ କରିବା ସହିତ ତାଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ 'ନୃତ୍ୟ ଉପାସନା ପୀଠ' ପକ୍ଷରୁ ଉକ୍ରଳ ରଙ୍ଗମଂଚରେ ଆଜି ଏକ କାର୍ଯ୍ୟକ୍ରମ 'ଭିନ୍ନ ପ୍ରୟାସ' ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଦିବ୍ୟାଙ୍ଗ ପିଲାମାନଙ୍କ ମଧ୍ୟରେ ଫ୍ୟାସନ ସୋ, ନୃତ୍ୟ ଓ ସଙ୍ଗୀତ ଆଦି ପ୍ରଦର୍ଶିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ଅତିରିକ୍ତ ସଚିବ ଦୀପକ ରାଉତରାଏ, ଓଆରସିର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସିକତା ଦାସ, ଇନଷ୍ଟିଚ୍ୟୁଟ୍



ଅଫ୍ ସୋସିଆଲ୍ ଡେଭେଲପମେଂଟ୍ (ଆଇଏସଡି)ର ନିର୍ଦ୍ଦେଶିକା ଶୁଭଶ୍ରୀ ଦାସ, ସ୍ତମ୍ଭକାର ଜଗଦୀଶ ମିଶ୍ର, ଅନୁଷ୍ଠାନର ପ୍ରତିଷ୍ଠାତା ତଥା ସଙ୍ଗୀତ ନିର୍ଦ୍ଦେଶକ ନିର୍ମଳ ମହାପାତ୍ର , ଆସିଷ୍ଟାଂଟ୍ ମ୍ୟାନେଜର ଦ୍ୱୟ ମମତା ପ୍ରହରାଜ ଓ ସଂଜୟ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ପ୍ରମୋଦିନୀ ରାଉଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନୁଷ୍ଠାନର ସମ୍ପାଦିକା ସୋନାଲି ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ ଅନୁଷ୍ଠାନର ଉପଦେଷ୍ଟା ତଥା ଗୁରୁ ଅଭିରାମ ନନ୍ଦ, ମୁକ୍ତି ରଂଜନ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ । ମଂଚ ପରିଚାଳନା କରିଥିଲେ ବିଶ୍ୱଜିତ ବଳିୟାରସିଂହ ଓ ରତ୍ନପଦ୍ମା ଅରଶ୍ମିତା ।

## ଗୁରୁ ପୂଜନ ଓ ସମ୍ବର୍ଦ୍ଧନା ଉତ୍ସବ

ଖୋର୍ଦ୍ଧା, (ପିଏନ): ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ ଅନ୍ତର୍ଗତ ଡାଲଟୋଲା ସରକାରୀ ଉଚ୍ଚ ବିଦ୍ୟାଳୟ ୧୯୮୪ ମସିହା ମାଟ୍ରିକ ବ୍ୟାଚର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଗୁରୁ ପୂଜନ ଓ ସମ୍ବର୍ଦ୍ଧନା ଉତ୍ସବ ପୁରାତନ ଛାତ୍ର ବିଭୂତି ଭୂଷଣ ପ୍ରହରାଜଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଛି । ପ୍ରାରମ୍ଭରେ ଅବସର ପ୍ରାପ୍ତ ଶିକ୍ଷକ ଦେବରାଜ ପରିଡ଼ା,ପରମାନନ୍ଦ ଦଳାଇ, ବେଲେଶ୍ୱର ଯୁଝାରସିଂହ, ଦିବାକର ଦାଶ ଓ ଦୁଃଖିଶ୍ୟାମ ପରିଡ଼ା ପ୍ରମୁଖଙ୍କୁ ଅତିଥି ଭାବେ ଯୋଗ ଦେବା ସହ ଉତ୍ତରୀୟ ଓ ଉପଢ଼ ?କନ ଦେଇ ପୂଜନ କାର୍ଯ୍ୟକ୍ରମରେ ଗୁରୁ ଓ ଶିଷ୍ୟ ପରମ୍ପରା ସଦା ସର୍ବଦା ଅତୁଟ ରହିଛି ବୋଲି ମତ ବ୍ୟକ୍ତ କରିଥିଲେ । ଛାତ୍ର ଦାଶରଥି ପ୍ରହରାଜ



ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅମିୟ କୁମାର ପଣ୍ଡା, ଭୈରବ ବଳିୟାର ସିଂହ,ବିଜୟ ବିଧାର, ଶିବ ପ୍ରସାଦ ରଥ, ବାସନ୍ତୀ ଦାଶ ପ୍ରମୁଖ ପରିଚାଳନା କରିଥିଲେ । ଶେଷରେ ଛାତ୍ରୀ ସୁକାନ୍ତି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରି -ମେଟ୍ରିକ୍ ସ୍କଲାରସିପ୍ ଗଣମାଧ୍ୟମିକ କର୍ମଶାଳା

କୋରାପୁଟ,(ପି.ଏନ):(ମହାଭାରତ) ବିଭିନ୍ନ ଗଣମାଧ୍ୟମ ଙ୍କୁ ନେଇ ୧୭ ଜାନୁଆରୀ ୨୦୨୪ ରେ କୋରାପୁଟ ସ୍ଥିତ ସ୍କିଲ ଡେଭଲପମେଣ୍ଟ ସେଣ୍ଟରରେ ଏକ ଦିବସୀୟ କର୍ମଶାଳା ଆୟୋଜିତ ହୋଇଯାଇଛି ।ମୁଖ୍ୟ ଅତିଥି ଭାବେ ଡେପୁଟି ଡାଇରେକ୍ଟର ଅଫ୍ ପ୍ଲାନିଂ (ପି ଆଣ୍ଡ ଏସ୍) ଶ୍ରୀ ସୂର୍ଯ୍ୟକାନ୍ତ ବେହେରା ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ସ୍ୱରାଜ୍ୟ ଶିଶାଙ୍କ ପ୍ରତିନିଧିତ୍ୱରେ ଓ ପିରାମଲ ଫାଉଣ୍ଡେସନ ର ମିଳିତ ଆନୁକୂଲ୍ୟରେ ଆୟୋଜିତ କର୍ମଶାଳା, ପ୍ରାକ୍ ମାଟ୍ରିକ ଛାତ୍ର ବୃତ୍ତି କୁ ନେଇ ସଚେତନତା କରିବାରେ ଗଣମାଧମର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।ସେ ଗୁରୁତ୍ୱାରୋପ ଉପରେ ଏହି କର୍ମଶାଳାର ଅନନ୍ୟ ଆଭିମୁଖ୍ୟକୁ ଆଲୋକିତ କରି, ଦଶମ ଶ୍ରେଣୀର ଚାରିଜଣ ଛାତ୍ରୀ ସେମାନଙ୍କ ଶିକ୍ଷା ଏବଂ ଭବିଷ୍ୟତର ଆକାଂକ୍ଷା ଉପରେ ଛାତ୍ରବୃତ୍ତିର ପ୍ରଭାବ ବିଷୟରେ ଆଲୋଚନା ଓ ନିଜର ଅଭିଜ୍ଞତା



ବାଣ୍ଟିଥିଲେ । ପିରାମଲ ଫାଉଣ୍ଡେସନର ବରିଷ୍ଠ କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଶ୍ରୀ ସଞ୍ଜୟ ସିଂ ଏକ କାହାଣୀ ଦ୍ୱାରା ସକାରାତ୍ମକ ପରିବେଶ ସୃଷ୍ଟି କରିଥିଲେ। ଗଣତନ୍ତ୍ରରେ ଚତୁର୍ଥ ସମ୍ପରି ଭାବରେ ଗଣମାଧମର ଭୂମିକା ଉପରୋପ କରି ସହ ?ଯୋଗୀ ପ୍ରୟାସ ଏବଂ ଗଠନ ମୂଳକ ମତାମତ ଉପରେ ଗୁରୁତ୍ୱାରୋପ କରିଥିଲେ । ସିନିୟର ପ୍ରୋଗ୍ରାମ ମ୍ୟାନେଜ ନେଜର ଶ୍ରୀ ଜୟ ଡାନିଏଲ ପ୍ରଧାନ 'ମୋ ମୋ ଖବର' ପଦକ୍ଷେପର ନେତୃତ୍ୱ ନେଇଥିଲେ। ଓ ଏହି ପଦକ୍ଷେପ ସ୍ଥାନୀୟ ସ୍ୱରକୁ ବୃଦ୍ଧି କରିବା ପାଇଁ ଉପସ୍ଥିତ ସାମ୍ବାଦିକ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କୁ ସୂଚନା ପ୍ରଦାନ କରିଥିଲେ । ପ୍ରି-ମେଟ୍ରିକ୍ ସ୍କଲାରସିପ୍ ତାଙ୍କୁ ସମ୍ମାନ ଜନକ ଅନୁଷ୍ଠାନରେ ପହଞ୍ଚାଇବାରେ ଏବଂ ତାଙ୍କ ବୃତ୍ତିଗତ ଭୂମିକାରେ ବିଶେଷ ଅବଦାନ କରିବାରେ କିପରି ସକ୍ଷମ ହୋଇଥିଲା, ତାହା ଦର୍ଶାଇ ଶ୍ରୀ ପ୍ରଧାନ ତାଙ୍କର ବ୍ୟକ୍ତିଗତ ଯାତ୍ରା ବାଣ୍ଟିଥିଲେ। ଏହି ସଭାରେ ଶ୍ରୀ ବି. ଏନ୍. ଦୁର୍ଗା, ସିନିୟର ପ୍ରୋଗ୍ରାମ ମ୍ୟାନେଜର, ଶ୍ରୀମତୀ ମୌମିତା ସରକାର ପ୍ରୋଗ୍ରାମ ମ୍ୟାନେଜର, ଶ୍ରୀ ଭେଙ୍କଟ ରାଓ, ସିନିୟର ପ୍ରୋଗ୍ରାମ ଲିଡର, ସୁଶ୍ରୀ ମିନତି ଖଣ୍ଡୁଆଲ, ପ୍ରୋଗ୍ରାମ ଲିଡର, ସୁଶ୍ରୀ ଅଞ୍ଜଳି, ଶ୍ରୀ ଧନଞ୍ଜୟ - (ଗାନ୍ଧୀ ଫେଲୋ) ଏବଂ ଦିପ୍ତିମୟୀ ସାମନ୍ତରା (କରୁଣା ଫେଲୋ) ଫାଉଣ୍ଡେସନରେ ବିଭିନ୍ନ ଭୂମିକାରେ ନିୟୋଜିତ ଥିଲେ ।







Printed & Published by Budhadev Mohapatra on behaöf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Puböished at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray